ସାପ୍ତାହିକ
# ସ୍ୱୀକାର
Postal Regd. No.: SBP/14/2025-2027
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 37 | 14 - 20 September 2025 | Sambalpur | Pages- 8 | Invitation Price Rs.10

## ଓଡ଼ିଶାବାସୀଙ୍କ ସମୃଦ୍ଧି ଉପରେ ବିଶ୍ୱବିଦ୍ୟାଳୟ ଚିନ୍ତା କରିବା ଆବଶ୍ୟକ: ଧର୍ମେନ୍ଦ୍ର ପ୍ରଧାନ











ସମ୍ବଲପୁର : ଓଡ଼ିଶାବାସୀଙ୍କ ସୁଖ, ସମୃଦ୍ଧି ଓ ସମ୍ପନ୍ନତା ବଢାଇବା ପାଇଁ ବିଶ୍ୱବିଦ୍ୟାଳୟ ଚିନ୍ତା କରିବା ଆବଶ୍ୟକ । କେବଳ ଏତିକି ନୁହେଁ, ମାତୃଭାଷାରେ ଶିକ୍ଷାଦାନ କରିବା ଉପରେ ମଧ ଶିକ୍ଷାୟତନକୁ ଯଥେଷ୍ଟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

### ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୫ତମ ସମାବର୍ତ୍ତନ ଉତ୍ସବ

ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଡକ୍ଟର ହରିବାବୁ କମ୍ଭମପାଟିଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୫ତମ ସମାବର୍ତ୍ତନ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶ୍ରୀ ପ୍ରଧାନ କହିଥିଲେ ଯେ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ରାଜ୍ୟର ଅନ୍ୟତମ ପୁରୁଣା ଅନୁଷ୍ଠାନ । ପିଏମ ଉଷା ତରଫରୁ ମେରୁ ଅଧୀନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ୧୦୦ କୋଟି ଟଙ୍କା ଦିଆଯାଇଛି । ରାଜ୍ୟ ବଜେଟରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ପ୍ରାୟ ୪୭ କୋଟି ଟଙ୍କା ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟପାଇଁ ପ୍ରଦାନ କରାଯାଇଛି । ସମ୍ବଲପୁର ୟୁନିଭରସିଟିର ସିଉଟ ପାଇଁ ୧୦ କୋଟି ଟଙ୍କା ଏଆଇ ଲ୍ୟାବ ଓ ଇ-ଲାଇବ୍ରେରୀ ପାଇଁ ଦିଆଯାଇଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଭିତ୍ତିଭୂମି ଓ ଗବେଷଣା ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ନିକଟରେ ୧୫୭ କୋଟି ଟଙ୍କା ଦେଇଛନ୍ତି ।

ସେ କହିଥିଲେ ଯେ, ସମ୍ବଲପୁରକୁ ଏକ ଜ୍ଞାନ ଆଧାରିତ ଅର୍ଥନୀତିର ପେଣ୍ଠସ୍ଥଳୀ କରିବା ପାଇଁ ଡବଲଇଞ୍ଜିନ ସରକାର ବଦ୍ଧ ପରିକର । ଓଡ଼ିଶାକୁ ଏକବିଂଶ ଶତାବ୍ଦୀରେ ଆଗକୁ ନେବାକୁ ହେଲେ ଶିକ୍ଷା ପଦ୍ଧତିକୁ ଆହୁରି ଗୁଣାତ୍ମକ କରିବାକୁ ପଡ଼ିବ ବୋଲି ସେ କହିଥିଲେ ।

ଶ୍ରୀ ପ୍ରଧାନ କହିଥିଲେ ଯେ, ଟି.ବି.ମାକାଉଲେ ଭାରତରେ ଯେଉଁ ଶିକ୍ଷା ନୀତି ପ୍ରସ୍ତୁତ କରିଥିଲେ ତାହା କେବଳ ଭାରତକୁ ନୀଚ କରିବାର ଏକ ପ୍ରକ୍ରିୟା ଥିଲା । ଭାରତକୁ ଅନେକ ସମୟ ପରାଧୀନତା ରଖିବା ପାଇଁ ସେ ତାଙ୍କ ଦ୍ୱାରା ଏକ ଶି କ୍ଷ । ନ । ତି



 ପ୍ର ଚ ଳ ନ କ ରି ଥି ଲେ । ଏହି ଶିକ୍ଷା ନୀତିର ବିକଳ୍ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ନୂଆ ରାଷ୍ଟ୍ରୀୟ ଶିକ୍ଷା ନୀତି ଆସିଛି, ଯେଉଁ ନୂଆ ଶିକ୍ଷା ନୀତିର ଉଦ୍ଦେଶ୍ୟ ରହିଛି, ମାକାଉଲେଙ୍କ ପରାଧୀନ ମାନସିକତାକୁ ବଦଳାଇ ଭାରତର ସ୍ୱାଧୀନ ମାନସିକତାକୁ ବିକଶିତ କରିବା । ପ୍ରଧାନମନ୍ତ୍ରୀଙ୍କ ମାର୍ଗ - ଦର୍ଶନରେ ପ୍ରଣୀତ ଜାତୀୟ ଶିକ୍ଷା ନୀତି ଭାରତର ଜ୍ଞାନଧାରାକୁ ଭବିଷ୍ୟତରେ ସମୃଦ୍ଧ କରିବା ପାଇଁ ଏକ ମହତ୍ୱପୂର୍ଣ୍ଣ ଦୂରଦର୍ଶୀ ଦସ୍ତାବିଜ । ମହାତ୍ମା ଗାନ୍ଧୀ, ରବୀନ୍ଦ୍ର ନାଥ ଟାଗୋର, ସ୍ୱାମୀ ବିବେକାନନ୍ଦ, ମହର୍ଷି ଅରବିନ୍ଦ, ମଦନ ମୋହନ ମାଲବ୍ୟ ଓ ସର୍ବପଲ୍ଲୀ ରାଧାକ୍ରୀଷ୍ଣଙ୍କ ଭଳି ମହାପୁରୁଷମାନେ ଯେଉଁ ସାମଗ୍ରିକ ଏବଂ ବହୁଭାଷୀ ଶିକ୍ଷାର ପରିକଳ୍ପନା କରିଥିଲେ, ଆଜି ଜାତୀୟ ଶିକ୍ଷା ନୀତିରେ ସେହି ଚିନ୍ତନଧାରାକୁ ବାସ୍ତବର ରୂପ ଦିଆଯାଉଛି ।

ସେ ପୁଣି କହିଥିଲେ ଯେ, ଜାତୀୟ ଶିକ୍ଷା ନୀତିରେ ମାତୃଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଆଞ୍ଚଳିକ ଓ ମାତୃଭାଷାରେ ପିଲାମାନଙ୍କୁ ପାଠ ପଢାଇବା ଉପରେ ପ୍ରାଥମିକତା ଦିଆଯାଉଛି । ମାତୃଭାଷାରେ ପାଠ ପଢିଲେ ହିଁ ପିଲାଙ୍କର କ୍ରିଟିକାଲ ଥିଙ୍କ ବିକଶିତ ହେବ । ମାତୃଭାଷାରେ ଶିକ୍ଷାକୁ ପ୍ରୋତ୍ସାହନ ଦିଆଗଲେ ହିଁ 'ବିକଶିତ ସମ୍ବଲପୁର', 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ପରିକଳ୍ପନା ସାକାର ହୋଇପାରିବ । ଏହି ଲକ୍ଷ୍ୟକୁ ପୂରଣ କରିବା ଦିଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଗ୍ରଣୀ ଭୂମିକାରେ ରହିବ ବୋଲି ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ରାଷ୍ଟ୍ର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଜ୍ୟ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା ।





## ଏ ସଂଖ୍ୟାରେ..



ସ୍ୱାସ୍ଥ୍ୟ ପାଇଁ ଭଲ ହେଙ୍ଗୁ



ସଂକ୍ରମଣରୁ ରକ୍ଷା କରେ ହଳଦୀ



ଗୋଲମରିଚର ଔଷଧୀୟ ଗୁଣ



ସ୍ୱାସ୍ଥ୍ୟ ଲାଗି ମହୌଷଧି ଲବଙ୍ଗ



ମେଥିର ଔଷଧୀୟ ଗୁଣ



ଚନ୍ଦନର ଉପକାରିତା

# ଏସ୍.ଏମ୍.ସି ହାତେଇବା ପାଇଁ ଅଣ୍ଟା ଭିଡିଲେଣି ଜୟନାରାୟଣ

ସମ୍ବଲପୁର : ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସମ୍ବଲପୁର ମହାନଗର ନିଗମର ନିର୍ବାଚନ ବାଟ ଖୋଲିଛି । ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ନଥିଲେ ମଧ ଏସ୍.ଏମ୍.ସି କୁ ପୁଣି ହାତେଇବା ପାଇଁ ବିଧାୟକ ଜୟନାରାୟଣ ମିଶ୍ର ଅଣ୍ଟା ଭିଡିଛନ୍ତି । ଏଥିପାଇଁ ସମ୍ବଲପୁର ବିଜେପି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏଥିପାଇଁ ଶ୍ରୀ ମିଶ୍ର ଦଳୀୟ କର୍ମୀଙ୍କ ସହ ଏକ ବୈଠକ କରି ଦଳର ବରିଷ୍ଠ କର୍ମକର୍ତ୍ତାଙ୍କୁ ବିଭିନ୍ନ ପଡ଼ାର ଦାୟିତ୍ୱ ଦେବା ସହ ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ଆସୁଥିବା ବୁଥ୍ କମିଟିକୁ ମଜବୁତ କରିବାକୁ କହିଛନ୍ତି ।

ବିଜେପି କାର୍ଯ୍ୟାଳୟରେ ବରିଷ୍ଠ ନେତା ସମୀର ରଞ୍ଜନ ବାବୁ, ସୁଶାନ୍ତ ପୁରୋହିତ, ଅନୀଲ ବେହେରା, ରିକି ବେହେରା, ଦିଲୀପ ଶର୍ମା ପ୍ରମୁଖଙ୍କ ସହ ଆଲୋଚନା କରିଛନ୍ତି ବିଧାୟକ ଜୟନାରାୟଣ ମିଶ୍ର । ସାଧାରଣ ନିର୍ବାଚନରେ ବିଜୟ ହାସଲ କରିଥିଲେ ମଧ ମହାନଗର ନିର୍ବାଚନକୁ ହାଲକାରେ ବିଜେପି ଗ୍ରହଣ କରୁନାହିଁ । ତେଣୁ ନୋଟିଫିକେସନ୍ ହୋଇନଥିବା ସତ୍ତ୍ୱେ ଦଳୀୟ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି । ସାଧାରଣ ନିର୍ବାଚନ ପୂର୍ବରୁ ବୁଥ୍ କମିଟି ହୋଇଥିଲେ ଏହାକୁ ଅଧିକ ମଜବୁତ ରଖିବାକୁ ପରାମର୍ଶ ଦେଇଛନ୍ତି । ଏହାସହ ସମ୍ବଲପୁରର ବସ୍ତି ଅଞ୍ଚଳ, ବୁର୍ଲା ଏବଂ ହୀରାକୁଦରେ ୧୦ ଜଣିଆ କମିଟି କରିବାକୁ କୁହାଯାଇଛି । ସେହିଭଳି ଜାତି ଆଧାରରେ ଭୋଟ୍ ପାଇଁ ମଧ ବଙ୍ଗାଳୀ ପଡ଼ା, କ୍ଷେତରାଜପୁର ଏବଂ ବିହାରୀପଡ଼ା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଉଛି ଦଳ । ହେଲେ ରେଙ୍ଗାଲି ବିଧାନସଭା ମଣ୍ଡଳୀରେ ୧୨ଟି ୱାର୍ଡକୁ ଅଧିକ ଗୁରୁତ୍ୱ ଦେବାକୁ ଆଲୋଚନା ହୋଇଥିଲା । ୨୦୦୮ରେ ଶେଷ ଥର ପାଇଁ ସମ୍ବଲପୁର ପୌର ପରିଷଦ ନିର୍ବାଚନ ହୋଇଥିଲା । ଏଥିରେ ବିଜେପି ବାଜିମାତ କରିଥିଲା । କିନ୍ତୁ ୨୦୧୩ରେ ରାଜ୍ୟ ସରକାର ପୌର ପରିଷଦକୁ ମହାନଗର ନିଗମ ଘୋଷଣା କରିଥିଲେ । ବୁର୍ଲା ଓ ହୀରାକୁଦ ଏନ୍ଏସି ସହ ୧୨ଟି ପଞ୍ଚାୟତକୁ ଏକାଠି କରି ମହାନଗର ନିଗମ ଗଠନ ହୋଇଥିଲା । ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ କେବେ ନିର୍ବାଚନ ହୋଇ ନାହିଁ । ଦୀର୍ଘ ଦିନ ଧରି ଏହା ହାଇକୋର୍ଟରେ ମାମଲା ପଡ଼ି ରହିଥିଲା । ପୂର୍ବରୁ ବିଜେଡିର ସଙ୍ଗଠନ ନ ଥିବାରୁ ଏଠାରେ ଦଳ ଥରେ ହେଲେ ମଧ ପୌର ପରିଷଦର ଅଧକ୍ଷ ଦେଇପାରି ନ ଥିଲା । ଏମିତି କି, ଦଳରେ ପ୍ରାର୍ଥୀ ନ ଥିବା ମଧ ସେତେବେଳେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଥିଲା । ପୂର୍ବରୁ ବିଜେପି ଲଗାତାର ପୌର ପରିଷଦ ଗଠନ କରିଆସୁଥିଲା । ତେଣୁ ଏହି ନିର୍ବାଚନ ବିଜେପି ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି ।

# ମାଁ ଝାଡ଼େଶ୍ୱରୀ କଲେଜର ପ୍ରତିଷ୍ଠା ଦିବସ ପାଳିତ

ସମ୍ବଲପୁର: ଶିକ୍ଷାର୍ଥୀମାନେ ତାଙ୍କ ଶିକ୍ଷକଙ୍କ ପାଇଁ ଦୃଷ୍ଟାନ୍ତ ହୁଅନ୍ତୁ । ଛାତ୍ରଛାତ୍ରୀ ପୁସ୍ତକ ପଠନକୁ ଗୁରୁତ୍ୱ ଦିଅନ୍ତୁ । ତେବେ ଯାଇ ଭବିଷ୍ୟତ ଉଜ୍ୱଳ ହେବ । ଧମାର ମା' ଝାଡ଼େଶ୍ୱରୀ କଲେଜର ୩୨ ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ଓଡ଼ିଆ ବିଭାଗୀୟ ମୁଖ୍ୟ ଡକ୍ଟର ଶ୍ୟାମ ଭୋଇ ଏହା କହିଛନ୍ତି ।



ଯୁକ୍ତ ଦୁଇ ଅଧକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ କଲେଜ ପୂର୍ବତନ ପରିଚାଳନା ପରିଷଦ ସଭାପତି ଦିଲୀପ କୁମାର ମହାପାତ୍ର ଯୋଗଦେଇ ପାଠପଢ଼ା ସହ ଶିକ୍ଷାର୍ଥୀମାନେ ସଂସ୍କାରୀ ହେବା ଉଚିତ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ଯୁକ୍ତ ତିନି ପୂର୍ବତନ ପରିଚାଳନା ପରିଷଦ ସଭାପତି ଲଳିତ ମୋହନ ଶତପଥି, ପୂର୍ବତନ ଉପ ସଭାପତି ପରମାନନ୍ଦ ସେଟ, ସମ୍ପାଦକ ରବୀନ୍ଦ୍ର ପୃଷ୍ଟି, ହରିବୋଲ ସେଠ, ତ୍ରିବିକ୍ରମ ମିର୍ଦ୍ଧା, ଗୋପରଞ୍ଜନ ବେହେରା ଓ ନରେଶ ଚନ୍ଦ୍ର ସେଠ ଯୋଗ ଦେଇଥିଲେ । ଅଧାପକ ଡକ୍ଟର ସିଦ୍ଧାର୍ଥ ପଣ୍ଡା ଓ ସଂସାର ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ଅଧାପିକା ତନ୍ମୟା ବେହେରା ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ । ଅଧାପକ ପଣ୍ଡିତ ବ୍ୟାସଦେବ ପଣ୍ଡା ବେଦମନ୍ତ୍ର ପାଠ କରିଥିଲେ । ଅଧାପକ ରବୀନ୍ଦ୍ର ନାରାୟଣ ଠାକୁରଙ୍କ ସଂଯୋଜନାରେ ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ବେଳେ ଅଧାପିକା ମୀନତି ଦାଶ, ସ୍ମାରକୀ ମାହାରଙ୍କ ପରିଚାଳନାରେ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ଗତ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ସଂଖ୍ୟା ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଯୁକ୍ତ ତିନି ଅଧକ୍ଷ ଅନିଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅଧାପିକା ସୁଦୀପ୍ତା ଦାଶ ଓ ମୌସୁମୀ ଷଡ଼ଙ୍ଗୀଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ପ୍ରାରମ୍ଭିକ ଓ ସମାପନୀ ସଂଗୀତ ପରିବେଷଣ କରିଥିଲେ । ସଂଗ୍ରାମ କେଶରୀ ମିଶ୍ର, ଲମ୍ବୋଦର ପାଢ଼ୀ, ରବିଶଙ୍କର ହୋତା, ନିର୍ମଳ ତ୍ରିପାଠୀ, ଦିଲୀପ କୁମାର ଗୁରୁ, ଦୀପ୍ତିରେଖା ପଣ୍ଡା, ସ୍ୱାତି ପତି, ଆନନ୍ଦିନୀ ପଣ୍ଡା, ସୁଶ୍ରୀତ ଷଡ଼ଙ୍ଗୀ, ଚୈତନ୍ୟ ସେନାପତି, କୁଶ ଲୁହୁରା ପ୍ରମୁଖ ଅଧାପକ ଓ ଅଧାପିକା, କର୍ମଚାରୀ ସହଯୋଗ କରିଥିଲେ ।

# ବିଶ୍ୱାତ୍ମା ବିଦ୍ୟା ମନ୍ଦିରର ୩୦ତମ ପ୍ରତିଷ୍ଠା ଦିବସ ପାଳନ

ବଲାଙ୍ଗୀର : ଖୁଜେନପାଲିରେ ଥିବା ବିଶ୍ୱାତ୍ମ ବିଦ୍ୟା ମନ୍ଦିରର ୩୦ତମ ପ୍ରତିଷ୍ଠା ଦିବସ ତଥା ବିଶ୍ୱାତ୍ମ ଚେତନା ପରିଷଦର ପ୍ରତିଷ୍ଠାତା ପରମହଂସ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ୭୦ତମ ଜନ୍ମ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି, ଛତିଶଗଡ଼ ରାଜ୍ୟର ରାୟପୁର ବିଧାୟକ ଶ୍ରୀ ପୁରନ୍ଦର ମିଶ୍ର ଓ ଲୈଲୁଙ୍ଗା ବିଧାୟିକା ଶ୍ରୀମତୀ ବିଦ୍ୟାବତୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହାଛଡ଼ା ପଣ୍ଡିତ ଶ୍ରୀ ସଦନ ତିୱାରୀ, କୋମନା, ବି.ଇ.ଓ ଦିଲୀପ ଜୋଶୀ, ବିଶିଷ୍ଟ ସମାଜସେବୀ ଗୋପାଳଜୀ ପାଣିଗ୍ରାହୀଙ୍କ ସହିତ ବିଶ୍ୱାତ୍ମ ଚେତନା ପରିଷଦରର ସାଧାରଣ ସମ୍ପାଦକ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ, ସହ ସମ୍ପାଦକ ସ୍ୱାମୀ ସତ୍ୟପ୍ରେମାନନ୍ଦ ସରସ୍ୱତୀ, ବିଦ୍ୟା ମନ୍ଦିର ସମ୍ପାଦକ ନବୀନ କୁମାର ବେଦବାକ୍, ବିଦ୍ୟାଳୟ ପ୍ରାଚାର୍ଯ୍ୟ ଡଃ ସୁଶାନ୍ତ କୁମାର ପ୍ରଧାନ ଏବଂ ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ତ୍ରିପାଠୀ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ସ୍ୱାଗତ ସଂଗୀତ ପରେ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ ସ୍ୱାଗତ ଭାଷଣ ଦେଇଥିଲେ । ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଜୀ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ଆଦର୍ଶ ମନୁଷ୍ୟ ହେବା ପାଇଁ ଅନୁପ୍ରାଣିତ କରିବା ସହ ବିଶ୍ୱାତ୍ମ ବିଦ୍ୟା ମନ୍ଦିର ନୂତନ ପ୍ରତିଭା ସୃଜନ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଥିବ ବୋଲି ନିଜ ଆଶୀର୍ବଚନରେ କହିଥିଲେ । ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରଜ୍ଞା ପୁରସ୍କାର ବିଭିନ୍ନ ବିଭାଗରେ ବିତରଣ କରିଯାଇଥିବା ବେଳେ





୨୦୨୪-୨୫ ଶିକ୍ଷାବର୍ଷ ପାଇଁ ବିଦ୍ୟା ମନ୍ଦିରର ଶ୍ରେଷ୍ଠ ଛାତ୍ର ସମ୍ମାନ ପ୍ରାଥମିକ ସ୍କୁଲ୍ ସ୍ତରରେ ରାଧିକା ବରାଇ ଓ ହାଇସ୍କୁଲ ସ୍ତରରେ ସୁଶ୍ରୀତା ନାଏକଙ୍କୁ ଓ ଶ୍ରେଷ୍ଠ ଅଲରାଉଣ୍ଡର ପୁରସ୍କାର ସରୋଜ ପଧାନଙ୍କୁ ପ୍ରଦାନ କରାଯାଇଥିଲା । 'ଉକିଆ ବଗର୍ତି ସମ୍ମାନ' ଗୁଡ଼ଲି ପାଣିଗ୍ରାହୀଙ୍କୁ, 'ସୁଷମା ମିଶ୍ର ସ୍ମୃତି ସମ୍ମାନ' ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷାର ଶ୍ରେଷ୍ଠ ତିନି ଛାତ୍ରୀ- ସୁଶ୍ରୀତା ନାଏକ, କୁସୁମ ନେଗି ଓ ଖୁସିମୟୀ ସାହୁଙ୍କୁ ଏବଂ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷାର ଶ୍ରେଷ୍ଠ ମାର୍କ ବିଭାଗରେ ଏବଂ ମାତୃଭାଷା ଓଡ଼ିଆ ରେ ଶ୍ରେଷ୍ଠ ମାର୍କ ପାଇଁ 'ମାଂଗେରାମ ସ୍ମୃତି ସମ୍ମାନ'- ସରୋଜ ପଧାନ, ସୁଶ୍ରୀତା ନାଏକ, ଶ୍ରୀତମ ମେହେର ଏବଂ ସ୍ୱିଟୀ ମେହେରଙ୍କୁ ପୂଜ୍ୟପାଦ ଗୁରୁଦେବ ଓ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ମଞ୍ଚରେ ସମ୍ମାନିତ କରାଯାଇଥିଲା । ଆଦର୍ଶ ଅଭିଭାବକ ଭାବରେ ଶ୍ରୀ ପ୍ରଶାନ୍ତ ଶତପଥୀ, ଅଭିଭାବିକା ଶ୍ରୀମତୀ ରଞ୍ଜିତା ମିଶ୍ର ଏବଂ ଆଦର୍ଶ ଶିକ୍ଷକ ପ୍ରାଇମେରୀ ସ୍ତରରେ ଶ୍ରୀ ଚରଣ ସା ଏବଂ ହାଇସ୍କୁଲ ସ୍ତରରେ ଶ୍ରୀ ରାଜାରାମ ପୁରୋହିତ ଙ୍କୁ ପୁରସ୍କୃତ କରାଯାଇଥିଲା ।



ପରିଶେଷରେ ବିଦ୍ୟା ମନ୍ଦିର ପ୍ରାଚାର୍ଯ୍ୟ ଡଃ ସୁଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟା ମନ୍ଦିର ସଂଯୋଜକ ସମ୍ବିତ୍ କୁମାର ସଂଯୋଜନା କରିଥିଲେ ।

# ସମଲେଶ୍ୱରୀ ମନ୍ଦିରରେ ଦଶହରା ପୂଜା



ସମ୍ବଲପୁର: ଶ୍ରୀ ଶ୍ରୀ ସମଲେଶ୍ୱରୀ ପୀଠରେ ଦଶହରା ପୂଜା ପାଇଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ କାର୍ଯ୍ୟସୁଚୀ ବାହାରିଛି । ଆସନ୍ତା ରବିବାର ୧୪ ତାରିଖ ଦିନଠାରୁ ପୁଅ ଜୀଉନ୍ତିଆ ଦିନ ମନ୍ଦିରରେ ୧୬ ଦିନିଆ ପୂଜା ଆରମ୍ଭ ହେବ । ସେହିପରି ୨୧ ତାରିଖ ମହାଳୟା ଦିନ ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ ହେବା । ତା' ପରଦିନ ନବରାତ୍ର ପୂଜା ଆରମ୍ଭ ହେବ । ୨୮ ତାରିଖ ଦିନ ମହାସପ୍ତମୀ ପୂଜା, ୨୯ ତାରିଖ ଦିନ ମହାଷ୍ଟମୀ ଓ ଭାଇ ଜିଉଁତିଆ ଏବଂ ୨ ତାରିଖ ଦିନ ବିଜୟା ଦଶମୀ ତିଥିରେ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଆଖଡ଼ା ରଣଜିତା ଉତ୍ସବ ଆୟୋଜନ କରାଯିବ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ କହିଛନ୍ତି ।

# ବୌଦ୍ଧରେ ହେବ ୧୦୮ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ

ବୌଦ୍ଧ : ବୌଦ୍ଧରେ ଆସନ୍ତା ଡିସେମ୍ବର ମାସ ୨୫ ତାରିଖ ରୁ ୨୮ ତାରିଖ ମଧରେ ହେବାକୁ ଥିବା ୧୦୮ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗାୟତ୍ରୀ ପରିବାରର ଅନୁଗୁଳ ଜୋନର ସଂଯୋଜକ ବସନ୍ତ କରଙ୍କ ସମେତ ବୌଦ୍ଧ ଜିଲ୍ଲାର ଗାୟତ୍ରୀ ଭକ୍ତମାନେ ଯୋଗ ଦେଇଥିଲେ ।

# ସିନ୍ଧେକେଲାକୁ ଏନ୍.ଏ.ସି ମାନ୍ୟତା ପାଇଁ ବନ୍ଦ ଡାକରା

ବଲାଙ୍ଗୀର: ବଲାଙ୍ଗୀର ଜିଲ୍ଲା ସିନ୍ଧେକେଲାକୁ ଏନ.ଏ.ସି ମାନ୍ୟତା ଦାବି ନେଇ ସିନ୍ଧେକେଲା ନାଗରିକ ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ସିନ୍ଧେକେଲା ବନ୍ଦ ଡାକରା ଦିଆଯାଇଥିଲା । ଏଥିପାଇଁ ସମସ୍ତ ପ୍ରକାର ଯାନବାହନ ଯାତାୟତ ଠପ୍ ହୋଇ ଯାଇଥିଲା । ଏହି ବନ୍ଦ ଡାକରାରେ ନାଗରିକ ମଞ୍ଚର ଆବାହକ ସୁରେଶ କୁମାର ସାହୁଙ୍କ ନେତୃତ୍ୱରେ ହାଟପଡ଼ା ଛକରେ ଜନସାଧାରଣ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଅନେକ ସ୍ଥାନରେ ପିକେଟିଙ୍ଗ୍ ମଧ କରିଥିଲେ । ପୂର୍ବରୁ ବିଜେଡି ସରକାର ସିନ୍ଧେକେଲାକୁ ଏନ୍.ଏ.ସି ମାନ୍ୟତା ଦେବା ପାଇଁ ଘୋଷଣା କରିଥିବା ବେଳେ ଏଥର ବିଜେପି ସରକାର ପୂରଣ ନ କରିଥିବାରୁ ଏହି ବନ୍ଦ ଡାକରା ଦିଆଯାଇଥିଲା ।

# ସମ୍ବଲପୁର ମହାନଦୀ କୁଳର ବିକାଶ କରାଯିବ

ସମ୍ବଲପୁର : ସମ୍ବଲପୁର ମନ୍ଦଲିଆ ଠାରୁ ଚାଉଁରପୁର ପର୍ଯ୍ୟନ୍ତ ମହାନଦୀ କୁଳର ବିକାଶ କରାଯିବ । ଏହି ଯୋଜନାରେ ପାର୍କିଂ, ଜଗିଙ୍ଗ ପାର୍କ, ସେଲ୍ ଫି ପଏଣ୍ଟ, ପାର୍କ, ଖୋଲା ଜିମ୍ ଆଦିର ଉନ୍ନତିକରଣ, ଗାଧୁଆଘାଟ ତିଆରି, ଆରତି ଘାଟ, ଥିମ୍ ପ୍ଲାଜା, ସପିଙ୍ଗ କମ୍ପ୍ଲେକ୍ସ ସହ ଶୌଚାଳୟର ବିକାଶ କରାଯିବ । ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬୦ କୋଟି ଟଙ୍କାର ଅର୍ଥ ମଞ୍ଜୁର କରିଛନ୍ତି । ଏହା ୨୦୨୫-୨୬ ରୁ ୨୦୨୭-୨୮ ମଧରେ ସମ୍ପୂର୍ଣ୍ଣ ହେବ ।

# ବନ୍ଧୁ ମହାନ୍ତିଙ୍କ ପାଁଇ ଜଗନ୍ନାଥ କଲେ ଅନଶନ

**ବ**ହୁ ବର୍ଷ ପୂର୍ବରୁ ଯାଜପୁରରେ ଭଗବାନ ଜଗନ୍ନାଥଙ୍କ ଭକ୍ତ ବନ୍ଧୁ ମହାନ୍ତି ରହୁଥିଲେ । ସେ ବହୁତ ଗରିବ ପରିବାର ରୁ ଥିଲେ । ତାଙ୍କ ସହ ତାଙ୍କ ସ୍ତ୍ରୀ ଓ ଗୋଟେ ବୋଲି ପୁଅ ରହୁଥିଲେ । ଗରିବ ପରିବାରରୁ ହୋଇଥିବାରୁ ସେ ବହୁତ କଷ୍ଟରେ ଦିଓଳି ଖାଇବା ଯୋଗାଡ କରନ୍ତି ।

ଭକ୍ତିର ୯ ରୂପ ଅଛି: ନବଧା ଭକ୍ତି - ଶ୍ରବଣ, କୀର୍ତ୍ତନ, ସ୍ମରଣ, ପୂଜନ, ବନ୍ଦନ, ପାଦ ସେବନ, ଦାସ୍ୟ, ସାଖ୍ୟ ଓ ଆତ୍ମନିବେଦନ ।

ବନ୍ଧୁ ମହାନ୍ତି ଜଗନ୍ନାଥଙ୍କୁ ନିଜର ସଖା ତଥା ବନ୍ଧୁ ଭାବରେ ଭକ୍ତି କରୁଥିଲେ । ଏହା ସାଖ୍ୟ ଭକ୍ତିରେ ଅନ୍ତର୍ଗତ ।

ଦିନେ ସେ ମନ ବଳାଇଲେ ଶ୍ରୀକ୍ଷେତ୍ର ଦର୍ଶନ ପାଇଁ ... ରାତିରେ ନିଜ ପତ୍ନୀଙ୍କୁ କହିଲେ କି ଶୁଣ ଆମେ କାଲି ସକାଳୁ ପୁରୀ ଯିବା, ତମେ ଶ୍ରୀଘ୍ର ଶୋଇ ଜଲଦି ଉଠିବ । ସକାଳ ହେଲା । ବନ୍ଧୁ ମହାନ୍ତି, ସ୍ତ୍ରୀ ଓ ପିଲା ସହ ଶ୍ରୀ କ୍ଷେତ୍ର ଅଭିମୁଖେ ବାହାରିଲେ । ଶ୍ରୀମନ୍ଦିର ପାହାଚ ଚଢୁ ଚଢୁ ଜଣେ ସେବାୟତ ପଛରୁ ଚିଲ୍ଲାଇଲେ । ହାଁ ହାଁ ହାଁ... ଅଟକାଓ ତାକୁ, ଭିକାରୀ ଟା ମନ୍ଦିର ଭିତରକୁ ପଶି ଯାଉଛି । କିଛି ସେବାୟତ ବନ୍ଧୁ ମହାନ୍ତିଙ୍କୁ ଅଟକାଇଲେ ତ ବନ୍ଧୁ ମହାନ୍ତି କହିଲେ କି ପଣ୍ଡିତେ ମୁଁ ଭିକାରୀ ସତ କିନ୍ତୁ ବହୁ ବାଟରୁ ଜଗାକୁ ଦେଖିବାକୁ ଆସିଛି , ଥରୁଟେ ଦର୍ଶନ କରି ଚାଲିଯିବି ।

ଜଣେ ସେବାୟତ କହିଲେ କି – ତୋ ଜାତି ଗୋତ୍ର ଠିକ୍ ଠିକଣା ନାହିଁ, କହିଲା କଣ ନା ଦର୍ଶନ କରିବି । ଯା ଏଠୁ ଧକ୍କା ମାରି ବାହାର କରିଦେଲେ ବନ୍ଧୁ ମହାନ୍ତିଙ୍କୁ । ତାଙ୍କ ପତ୍ନୀ କହିଲେ ଚାଲ ଘର କୁ । ତୁମ ବନ୍ଧୁ ତୁମକୁ ତ ତାଙ୍କ ପାହାଚରୁ ହି ତଡି ଦେଲେ ଚାଲ । ବନ୍ଧୁ ମହାନ୍ତି କହିଲେ କି – ନା । ଯଦି କାଳିଆ ମତେ ଏମିତି ତଡି ଦେବ ତା ହେଲେ ମୁଁ ଯିବି କୁଆଡେ । ଏଇଠି ବସିବି । ତାକୁ ପଚାରି ବି ମୁଁ ନୀଚ ଜାତି ଯଦି ସେ ମୋ ସହ ବନ୍ଧୁତା କଣ ପାଇଁ କଲା । ଏଇ କଣ ତା ବନ୍ଧୁ ପ୍ରେମ । ମୁଁ ଏଇ ପେଜ ନଳ ପାଖରେ ବସିଲି । ଯିବିନି କୁଆଡ଼େ ସ୍ୱାମୀ ସ୍ତ୍ରୀ ପିଲା ବସିଲେ ଅଠର ନଳାରେ ଯେଉଁଠି ଭଗବାନଙ୍କର ରୋଷ ଘରୁ ରନ୍ଧନ ପରେ ପେଜ ସେହି ନଳାରେ ବାହାରି ଯାଏ ।

ରାତି ଅଧରେ ବନ୍ଧୁ ମହାନ୍ତିଙ୍କ ପୁଅକୁ ବହୁତ ଭୋକ ଲାଗିଲା ଓ ସେ କାନ୍ଦିଲା । ବନ୍ଧୁ ମହାନ୍ତି ବହି ଯାଉ ଥିବା ପେଜରୁ କିଛି ପୁଅକୁ ଦେବାକୁ ଯାନ୍ତେ ଜଣେ କେହି ଡାକିଲା "ହୋ ବନ୍ଧୁ .. ରୁହ ।

କିଏ ସେ ବୋଲି ପଛକୁ ବୁଲି ଚାହିଁବାରୁ ଗୋଟେ ଛୋଟ ଛୁଆଟେ ବଡ ଥାଳି ଧରି ତାଙ୍କ ପଛରେ ଠିଆ ହୋଇଛି । ସେ ତାଙ୍କୁ ଦେଖି ଦେଖି କହିଲା – ଛି ଛି ଏ ଅପରିଷ୍କାର ପେଜକୁ କିଏ କଣ ପିଏ । ବନ୍ଧୁ ମହାନ୍ତି କହିଲେ କି – ତୁମେ କିଏ , ତୁମେ ମୋ ନା କେମିତି ଜାଣିଲ ପିଲା ଟି କହିଲା – ହେଇ ନିଅ, ତମ ସାଙ୍ଗ ଦେଇଛି, ସେ ମତେ କହିଲା ତମେ ସେଇ ନାଳ ପାଖରେ ବସିଛ ତମକୁ ଏଇ ଖାଇବା ଦେଇ ଆସିବାକୁ ବନ୍ଧୁ ମହାନ୍ତି ପଚାରିଲେ କି – କିଏ ସେ, ମୋର ତ ପୁରୀ ରେ ଏମିତି ସାଙ୍ଗ ନାହାନ୍ତି । ସେ ପିଲା ଟି ହସିଲା ଓ କହିଲା ତୁମେ ଆଗ ଖାଇ ଦିଅ, ତା ପରେ ପ୍ରଶ୍ନ ପଚାର । ବନ୍ଧୁ ମହାନ୍ତିଙ୍କୁ ବହୁତ ଭୋକ ଲାଗୁଥିଲା, ସ୍ୱାମୀ ସ୍ତ୍ରୀ ପୁଅ ବଡ ଶାନ୍ତିରେ ଖାଇଲେ । ଖାଇବା ଶେଷ ହେଲା ବେଳକୁ ସେ ପିଲା ନ ଥିଲା ।

ଏପଟେ ସେ ଯୋଉ ଥାଳିରେ ଖାଇବା ଆଣିଥିଲା ସେଇ ଥାଳିରେ ଜଗନ୍ନାଥଙ୍କ ନୀଳଚକ୍ରର ଚିତ୍ର ଅଙ୍କା ହୋଇଥିଲା । ଆଉ ସାଙ୍ଗ ଦେଇଛି କଥା ବି ସେ ବୁଝିଲେ । ତାଙ୍କ ସ୍ତ୍ରୀଙ୍କୁ କହିଲେ କି ଦେଖ ତମେ ଜାଣିଛ ମୋର କେହି ସାଙ୍ଗ ନାହାନ୍ତି ପୁରୀରେ । ତା ମାନେ, କଣ ସେ ପିଲା ମୋ ଜଗା ଥିଲା ? କାନ୍ଦି ପକେଇଲେ ସ୍ୱାମୀ ସ୍ତ୍ରୀ । ଏମିତି କଥା ହେଉ ହେଉ ସକାଳ ହେଇ ଯାଇଥାଏ । ଏପଟେ ଶ୍ରୀ ମନ୍ଦିରରେ ଜଗନ୍ନାଥ ଙ୍କର ସୁନା ଥାଳି ଗାୟବ ବୋଲି ହାଲ୍ଲା ପଡିଯାଇଛି । କିଏ ଗୋଟେ ରାଜା ଗଜପତି ଙ୍କ ପାଖରେ ଖବର ଦେଇ ଦେଲା କି ସେ ଯୋଉ ଅଠର ନାଳ ପାଖରେ ଭିକାରି ବସିଛି ତା ପାଖରେ ସେ ଥାଳି ଅଛି ।

ରାଜା ସଂଗେ ସଂଗେ ସୈନ୍ୟ ପଠାଇ ଧରି ଆଣିଲେ ବନ୍ଧୁ ମହାନ୍ତି ଓ ତାଙ୍କ ପିଲା କୁ । ସୈନ୍ୟ ଟଣା ଓଟରା କରି ଆଣି ବାର ଦୃଶ୍ୟ ଦେଖି ସେବାୟତ କହୁଥାନ୍ତି କି ଦେଖ – ଏଟା ସତରେ ଚୋର ଟା ହୋ, ଶେଷରେ ଭଗବାନଙ୍କୁ ବି ଛାଡୁନି, ପାପୀ, ଏମିତି ଚୋରି କରୁଛି ବୋଲି ଭିକାରି ଆଉ ନୀଚ ଜାତିରେ ଜନ୍ମ ହେଇଛି... ଛି ଛି ଛି ।

ବହୁତ ବାଧିଲା ବନ୍ଧୁ ମହାନ୍ତିଙ୍କୁ, କାନ୍ଦକାନ୍ଦ ଆଖିରେ ଚିଲ୍ଲେଇ କହିଲେ ମୋ ଘରେ ସବୁ ପଛେ ଉପାସରେ ମରିଯିବେ ହେଲେ ଚୋରି କରିବେନି ।

ମୋତେ ଏଇ ଥାଳି କାଲି ଗୋଟେ ପିଲା ଦେଲା । ଆଉ ସେ ମୋତେ କହିଲା ମୋ ସାଙ୍ଗ ଦେଇଛି । ମୁଁ ଖାଇବାକୁ ମନା କଲି ହେଲେ ସେ କହିଲା ତମେ ନ ଖାଇଲେ ସେ ବି ଖାଇବ ନାହିଁ । ମୁ ଖାଇଲି ହେଲେ ସେ ପିଲା କୁଆଡେ ଚାଲି ଗଲା ମୁ ଖାଉ ଖାଉ । ମୁଁ ଚୋର ନୁହେଁ, ମତେ ବିଶ୍ୱାସ କର । ଜଗନ୍ନାଥଙ୍କ ରାଣ ମୁଁ ସୁନା ଥାଳି ଚୋରି କରିନି ।

ଗଜପତି ରାଗି ଗଲେ – ତୋର ସାହାସ କେମିତି ହେଲା ଜଗନ୍ନାଥଙ୍କ ରାଣ ନେଇ ମିଛ କହିବାକୁ, ସିପାହି ଆକୁ କାରାଗାରରେ ପକେଇ ଦିଅ । ସିପାହି ମାନେ ତା ପିଲାକୁ ଘୋଷାରି ଘୋଷାରି ନେଇଗଲେ, ତା ସ୍ତ୍ରୀର ଲୁଗା ଚିରି ଟଣା ଓଟରା କରୁଥିଲେ ।

ଏସବୁ ଦେଖି ବନ୍ଧୁ ମହାନ୍ତି ଭାଙ୍ଗି ପଡିଲେ । କାରାଗାରରେ ଥାଇ କହିଲେ – ପ୍ରଥମେ ଖାଇବାକୁ ଦେଲୁ ଆଉ ଏବେ ମାଡ ମାରିଲୁ, ମୋ ପୁଅ ମୋ ସ୍ତ୍ରୀ ସହ ଏମିତିକା ବ୍ୟବହାର କଲୁ । କଣ ଜଗା ଏଟା ତୋର ବନ୍ଧୁ ପଣିଆ, କହ ।

ତୋ ସହ ବନ୍ଧୁ ବାନ୍ଧିଲି ବୋଲି କଣ ମତେ ତୁ ଏମିତି କହିବୁ, ମୁଁ ଚୋର ? ମୁ ତୋ ସୁନା ଥାଳି ଚୋରି କରିଛି ନା ? ହଉ ହେଲା କାଳିଆ, ମତେ ଦଣ୍ଡଦେ । ମୋର ଛୋଟ ଛୁଆ ଆଉ ସ୍ତ୍ରୀଙ୍କୁ ମାରନା, ସେମାନେ ନିର୍ଦୋଷ ତାଙ୍କୁ ତ ମୁ ଡାକି କି ଆଣିଥିଲି ତୋ ଦର୍ଶନ ପାଇଁ । ଏମିତି କହୁଥାନ୍ତି ବନ୍ଧୁ ମହାନ୍ତି, ଏପଟେ ଜଗନ୍ନାଥଙ୍କୁ ବି କଷ୍ଟ ହେଉ ଥାଏ । ନିଜ ସାଙ୍ଗକୁ ମାଡ ଗାଳି ଦିଆ ହେଉ ଥିବ ଆଉ ସେ କେମିତି ଶାନ୍ତିରେ ରହିବେ । ସେ ବି ଖାଇବା ଛାଡି ଦେଲେ, ବଡ ପଣ୍ଡା ପ୍ରସାଦ ଦେବା ପୂର୍ବରୁ ହାତ ପାପୁଲିରେ ଥିବା ପାଣିରେ ଜଗନ୍ନାଥଙ୍କ ଦର୍ଶନ କରନ୍ତି ଓ ତାହା ଜଗନ୍ନାଥ ଗ୍ରହଣ କଲେ ବୋଲି ଜଣା ଯାଏ । କିନ୍ତୁ ସେଦିନ ଜଗନ୍ନାଥ ଜମା ଦର୍ଶନ ଦେଲେନି ।

ବଡ ପଣ୍ଡା ବହୁତ ଚେଷ୍ଟା କରି ଆଖିବନ୍ଦ କରି ଦେଖିବାକୁ ଚେଷ୍ଟା କଲେ ବି ଦର୍ଶନ ଦେଲେନି, ସେ କହି ଉଠିଲେ । ଏ କଣ ପ୍ରଭୁ, କଣ ପାଇଁ ତୁମେ ଦର୍ଶନ ଦେଉନ, ଆମେ କିଛି ଭୁଲ କରିଛୁ କି ମଣିମା, କାନ୍ଦି ପକେଇ ସେ ଗଜପତିଙ୍କୁ ଖବର ଦେଲେ, ସେତେବେଳକୁ ଦୁଇ ପହର ହେଲାଣି ଜଗା ଉପାସରେ, ସ୍ନାନ ବି କଲେନି, ଅଖିଆ ଅପିଆ ମହାବାହୁ ବସିଛନ୍ତି ଯେମିତି ଅନଶନରେ ।

ଗଜପତି ଯେମିତି ଶ୍ରୀ ମନ୍ଦିର ପହଁଚିଲେ ଜଗନ୍ନାଥଙ୍କ ଦେହରେ ସେମିତି ସେଇ ରାତିର କପଡା, ପାଖରେ ଭୋଗ ଥାଳି, ତୁଳସୀ ଚନ୍ଦନ ସବୁ ଥୁଆ ହୋଇଛି । ତାଙ୍କୁ ଦେଖି ବଡ ପଣ୍ଡା କହିଲେ ମହାରାଜ ଦେଖନ୍ତୁ ସକାଳୁ ମହା ବାହୁ କିଛି ସ୍ପର୍ଶ କରିନାହାନ୍ତି । ସବୁ ଜିନିଷ ସେମିତି ଥୁଆ ହୋଇଛି । ଆଜି ସେ ମତେ ବି ଦର୍ଶନ ଦେଇ ନାହାଁନ୍ତି । ଗଜପତି କହିଲେ ତୁମେ ସବୁ ବାହାରକୁ ଯାଇ ବାହାର ପଟୁ କବାଟ ଦେଇ ଦିଅ, ମୁଁ ଯେପର୍ଯ୍ୟନ୍ତ ନ କହିଚି ଖୋଲିବନି । ସେଇଆ ହେଲା । ଗଜପତି କହିଲେ ହଉ କାଳିଆ ତୁ ଖାଇବୁନୁ ଯଦି ମୁଁ ବି ଖାଇବିନି, ଯେ ପର୍ଯ୍ୟନ୍ତ ତୁ ମତେ କହିନୁ କ'ଣ ପାଇଁ ତୁ ଏମିତି ରାଗିଛୁ ଅଭିମାନ କରିଛୁ ମୁଁ ବି ଏମତି ବସି ରହିଲି ।

ଗଜପତିଙ୍କୁ ଶୂନ୍ୟ ବାଣୀ ହେଲା, ମୋ ସାଙ୍ଗକୁ ତୁମେ କାରାଗାରରେ ରଖିଚ ଆଉ ମତେ କହୁଛ ମୁ ଖାଇବି ? ସେ ମତେ ଯେପର୍ଯ୍ୟନ୍ତ ନିଜ ହାତରେ ଖାଇବାକୁ ନ ଦେଇଛି ମୁଁ ଖାଇବିନି । ତାକୁ ଚୋର କହି ଏତେ ବେସମ୍ମାନ କଲ ତମେ ତାକୁ । ମୁଁ ଦେଇଛି ସେ ଥାଳି, ସେ ନିର୍ଦୋଷ । ଗଜପତି କହିଲେ ପ୍ରଭୁ ତ୍ରାହିମା, ତ୍ରାହିମା, ମୁଁ ଭୁଲ କରିଛି ମଣିମା । ଦୋଷ କ୍ଷମା କର । ଗଜପତି ଶ୍ରୀମନ୍ଦିରରୁ ଦଉଡି ଦଉଡି ଯେମିତି ବାହାରିଲେ ବଡ଼ପଣ୍ଡା ଓ ସେବାୟତ ବି ତାଙ୍କ ପଛରେ ଧାଇଁଲେ । ସିପାହୀକୁ ଖବର ଦିଆଗଲା ବନ୍ଧୁ ମହାନ୍ତିଙ୍କୁ ସସମ୍ମାନେ ଶ୍ରୀମନ୍ଦିର ନିଆ ଯାଉ । ବନ୍ଧୁ ମହାନ୍ତିଙ୍କୁ ଗଜପତି କହିଲେ କ୍ଷମା କର ବନ୍ଧୁ ତୁମେ ସତରେ ମହାନ । ଦେଖ ତମ ସାଙ୍ଗ କିପରି ଅନଶନ କରିଛନ୍ତି । ମତେ କହୁଛନ୍ତି ବନ୍ଧୁଙ୍କୁ କୁହ ମତେ ନିଜ ହାତରେ ଖାଇବାକୁ ଦେବେ ତାହାଲେ ମୁଁ ଖାଇବି ।

ବନ୍ଧୁ ମହାନ୍ତି ନିଜେ ଭୋଗ ଲଗାଇଲେ ଜଗନ୍ନାଥଙ୍କୁ । ଯେଉଁ ମାନେ କହୁଥିଲେ ନୀଚ ଭିକାରୀ ତାଙ୍କୁ ବି ବହୁତ ଲଜ୍ୟା ଲାଗିଲା । ସେମାନେ ବି ନିଜକୁ ଜଗନ୍ନାଥଙ୍କ ପାଖରେ ଦୋଷୀ ଭାବୁଥିଲେ ।

ବନ୍ଧୁ ମହାନ୍ତି ଜଗନ୍ନାଥଙ୍କ ପାଖକୁ ଯାଇ କହିଲେ ସତରେ ଜଗା ତୁ କେତେ ଭଲ । ମୋ ପାଇଁ ତୁ ଉପାସରେ ରହିଲୁ, ମୋର ତ ଉପାସରେ ରହିବାର ଅଭ୍ୟାସ ଅଛି ହେଲେ ତତେ ତ ଛପନ ଭୋଗ ବି ନିଅଂଟ । ତୁ ମୋ ପାଇଁ ଉପାସ ରହିଲୁ ହଉ ଏବେ ଖା କହି ସେ ଜଗନ୍ନାଥଙ୍କୁ ଚନ୍ଦନ ଓ ତୁଳସି ପାଣିରେ ଗାଧେଇ ଦେଲେ ।

ଦୂରରୁ ଗଜପତି ମହାରାଜ କହିଲେ ଜୟ ପ୍ରଭୁ ଜଗନ୍ନାଥଙ୍କର । ସବୁ ଲୋକ କହି ଉଠିଲେ ଜୟ ।

## ଆଜିର ଚିନ୍ତନ

**ଅ**ନ୍ଧ (ଚକ୍ଷୁହୀନ) ହେବା ଦୁର୍ଭାଗ୍ୟ ବୋଲି କୁହାଯାଉଥିବାବେଳେ ଏହା କର୍ମଫଳ ବୋଲି ଅନେକେ ଭୁଲି ଯାଆନ୍ତି । ସେହି କର୍ମ ପୂର୍ବଜନ୍ମକୃତ (ପ୍ରାରବ୍ଧ) ହୋଇପାରେ । ଅନ୍ଧ ଭିନ୍ନଭିନ୍ନ ପ୍ରକାରର ଥାଆନ୍ତି - କେହି ଜନ୍ମାନ୍ଧ, (ଜନ୍ମରୁ ଅନ୍ଧ) ଥା'ନ୍ତି । ଅନ୍ୟ ଧରଣର ଅନ୍ଧ ହେଲେ- ମୋହାନ୍ଧ ( ଅ ଜ୍ଞ ତ । , ବିବେକଶୂନ୍ୟତା), କାମାନ୍ଧ, ମଦାନ୍ଧ (ଗର୍ବ କାରଣରୁ ହିତାହିତ ଜ୍ଞାନଶୂନ୍ୟ) । ଏମାନେ ମଧ ଏକଏକ ଧରଣର ଅନ୍ଧ । ଏମାନଙ୍କ ଚକ୍ଷୁ ଉପରେ କୌଣସି ପଟଳ ପଡ଼ି ନଥାଏ, ଅସଲରେ ମନ ଉପରେ ଶକ୍ତ ପରଦା ପଡ଼ିଥାଏ, ଯାହା ସେମାନଙ୍କଠାରେ ଭଲମନ୍ଦ ବିବେଚନା କରିବାର ଶକ୍ତି ଲୋପ କରିଦେଇଥାଏ । ଅନ୍ଧ ତ ସୁରଦାସ ଥିଲେ, ସନ୍ଥକବି ଭୀମଭୋଇ ବି ଥିଲେ । ହେଲେ ଧୃତରାଷ୍ଟ୍ରଙ୍କ ଅନ୍ଧପଣ ଥଲା 'ଆସକ୍ତି'ର, 'ମୋହ'ର । ଏହାଥିଲା ଅ-ସୁରକ୍ଷାର ଅନ୍ଧପଣ, ଅନିଶ୍ଚିତତା ଅନ୍ଧପଣ । ଏହା ମହାରାଜ ଧୃତରାଷ୍ଟ୍ରଙ୍କୁ କିପରି ଘୋର ଅନିଶ୍ଚିତତାର ଭିତରେ ତିଳତିଳ କରି ମୃତ୍ୟୁ ଯନ୍ତ୍ରଣା (ଅସୁରକ୍ଷା) ଭୋଗିବାକୁ ଦେଇଥିଲା ତାହା ସମସ୍ତେ ଜାଣନ୍ତି ।

ବ୍ୟାସଦେବଙ୍କ ଭଳି ମହାଯଶା ଋଷିଙ୍କ ସହ ସମ୍ପର୍କ, ଭୀଷ୍ମଙ୍କ ଭଳି ମହାତ୍ମାଙ୍କ ସାନ୍ନିଧ, ଦ୍ରୋଣ, କୃପାଚାର୍ଯ୍ୟଙ୍କ ଭଳି ଆଚାର୍ଯ୍ୟଙ୍କ ସହ ସମ୍ପର୍କ ସର୍ବୋପରି ଭଗବାନ ଶ୍ରୀକୃଷ୍ଣଙ୍କ ଭଳି ଅବତାରୀ ପୁରୁଷଙ୍କ ସଂସର୍ଗ ଧୃତରାଷ୍ଟ୍ରଙ୍କ ଅନ୍ତର ଭିତରେ ଜମାଟ ବନ୍ଧା ଅନ୍ଧପଣକୁ ଦୂର କରିବାରେ ସହାୟକ ହୋଇପାରି ନଥିଲା । ଧୃତରାଷ୍ଟ୍ରଙ୍କ ନିକଟରେ ସଞ୍ଜୟ ମହାତ୍ମା ବିଦୁରଙ୍କ ଭଳି ଧର୍ମାତ୍ମା ଥିଲେ ମଧ ଦୁହିଁଙ୍କ ସତ୍ ଉପଦେଶ ପ୍ରତି ଦୃଷ୍ଟି ଦେଇନଥିଲେ । ଜନ୍ମାନ୍ଧ ଅପେକ୍ଷା 'ଆସକ୍ତି', 'ମୋହ'ର ଅନ୍ଧପଣ ତ୍ୱରିତ ଗତିରେ ବଂଶନାଶ ପଥରେ ନେଇଯାଇଥିଲା । ଶକୁନି ଚତୁରତାର ସହ ଦୁର୍ଯ୍ୟୋଧନଙ୍କୁ ଆୟତ୍ତରେ ରଖି ଗୋଟି ଚଳାଉ ଥିଲେ ଯା'ର ଟେର ପାଇ ନଥିଲେ ଦୁର୍ଯ୍ୟୋଧନ । ରାବଣ ଥିଲେ ଚାରିବେଦର ଭାଷ୍ୟକାର, ମହାପଣ୍ଡିତ ; ହେଲେ ବିବେକବୁଦ୍ଧି ହରାଇ, ମଦାନ୍ଧ ହୋଇ ଜନକ ନନ୍ଦିନୀ ସୀତାଙ୍କୁ ଚୋରିକଲା ଭଳି ଘୃଣ୍ୟ କର୍ମ କରି ନିଜ ମୃତ୍ୟୁକୁ ଆମନ୍ତ୍ରଣ କରି ଆଣିଥିଲେ । ଗୀତାର ବାଣୀ ପ୍ରଜ୍ଞାବାନ ହୁଅ, ବିଭ୍ରାନ୍ତି ଦୂର କର । ପ୍ରାଣର ଧର୍ମ (ଜୀବନଧର୍ମ) ହୃଦୟଙ୍ଗମ କର । ପ୍ରାଣ ଯାଉ ଅଥବା ରହୁ, ଏହା ବିଚାରଣୀୟ ପ୍ରସଙ୍ଗ ନୁହେଁ, ପ୍ରାଣଧାରଣ କରି ପ୍ରଜ୍ଞାବାନ ହେବା ବିଚାରଣୀୟ । ଧର୍ମଶାସ୍ତ୍ରର ଦିଗ୍‌ଦର୍ଶନ ହେଲା- କ'ଣ ନିତ୍ୟ, କ'ଣ ଅନିତ୍ୟ, କେଉଁଟା ଉଚିତ, କେଉଁଟା ଅନୁଚିତ କର୍ମ ତଥା କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ଏହା ବିବେକର ଅନୁଶାସନ ମାନି ସ୍ଥିର କରିବା ଉଚିତ । ବାଣୀର ପ୍ରୟୋଗରେ ସଂଯମ ଅବଲମ୍ବନ କର, ଅହଂକାରୀ ହୋଇ ନୀତିହୀନ ଆଚରଣ କଲେ, ଶାଳୀନତାକୁ ଭୁଲିଯାଇ ବାଣୀର ଦୁରୁପଯୋଗ କଲେ, ଗର୍ବ, ଦମ୍ଭ, ଅଭିମାନ କବଳିତ ହୋଇ ନିଜକୁ ଶ୍ରେଷ୍ଠ ବିଚାରିଲେ ଦୁର୍ଯ୍ୟୋଧନ, କଂସ, ରାବଣଙ୍କ ଭଳି ନାଶ ଯିବା ସୁନିଶ୍ଚିତ ।

# ବିଷ୍ଣୁ ସହସ୍ରନାମ ପାଠ

**ଭ**ଗବାନଙ୍କ ନାମର ମହିମା ଅନନ୍ତ... ଭଗବାନଙ୍କ ଠାରୁ ନାମ ମଧ ଶାସ୍ତ୍ରରେ ଅଧିକ କୁହାଯାଇଛି । ରାମ ତେ ଅଧିକ ରାମ କର ନାମୂ ।

ମହାଭାରତରେ ଧର୍ମରାଜ ଯୁଧିଷ୍ଠିର ପଚାରିବାରୁ ଭଗବାନଙ୍କର ଅନନ୍ୟ ଭକ୍ତ, ତତ୍ତ୍ୱବିତ୍ ମନୀଷୀ ପିତାମହ ଭୀଷ୍ମ ଭଗବାନଙ୍କର ସହସ୍ର ନାମର ମହିମାଗାନ କରିଛନ୍ତି । ଯାହା 'ଶ୍ରୀବିଷ୍ଣୁ ସହସ୍ର ନାମ ସ୍ତୋତ୍ରମ୍' ନାମରେ ପ୍ରସିଦ୍ଧ । ସନାତନ ଧର୍ମର ବିଲକ୍ଷଣତା ହେଲା ଏଥିରେ ଯେଉଁ ସବୁ ପ୍ରାଚୀନ ମନ୍ତ୍ର, ନାମ ସଂଗ୍ରହ, ସ୍ତୋତ୍ର, କବଚ ଆଦି ସଂଗୃହୀତ ହୋଇ ରହିଛି । ସେ ସମସ୍ତ ସାଧାରଣ କବିଙ୍କର ରଚନା ନୁହେଁ । ବରଂ ବାହ୍ୟ ଏବଂ ଅନ୍ତ ଜଗତର ରହସ୍ୟ ଜାଣିଥିବା । ଭକ୍ତି -ଜ୍ଞାନ-ଯୋଗ ଏବଂ ତନ୍ତ୍ରର ସାଧନାରେ ସିଦ୍ଧ ଅନୁଭବୀ ତତ୍ତ୍ୱବେତ୍ତା (ତତ୍ତ୍ୱଜ୍ଞ) ମନୀଷୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଅଛି । ଫଳରେ ସେ ସ୍ତୋତ୍ର, କବଚାଦି ଅତି ଶକ୍ତିଶାଳୀ ମନ୍ତ୍ର ପାଲଟି ଯାଇଛି । ଏହି ସାଧନ ଦ୍ୱାରା ଯଥାବିଧି ସାଧନା-ଆରାଧନା-ଉପାସନା କଲେ ଇହଲୋକ ଏବଂ ପରଲୋକରେ ଏପରି କୌଣସି ସିଦ୍ଧି ନାହିଁ ଯାହା ପ୍ରାପ୍ତ ହୋଇ ନ ପାରେ । ମାତ୍ର ଏହି ରହସ୍ୟମୟ ମାର୍ଗର ମର୍ମ ବୁଝାଇ ପାରୁଥିବା ଆତ୍ମବେତ୍ତା ବ୍ରହ୍ମ ସଦ୍‌ଗୁରୁ ଏବଂ ତାଙ୍କର ମାର୍ଗ ଦର୍ଶନ ଅନୁସାରେ ଶ୍ରଦ୍ଧାପୂର୍ବକ ଚାଲିବା ପାଇଁ ଦୃଢ଼ମନା ସାଧକଙ୍କର ଆବଶ୍ୟକତା ରହିଛି ।

'ଶ୍ରୀବିଷ୍ଣୁ ସହସ୍ର ନାମ ସ୍ତୋତ୍ରମ୍' ରୂପରେ ପିତାମହ ଭୀଷ୍ମଙ୍କ ପରି ମହାପୁରୁଷ ଆମକୁ ଏପରି ଏକ ପରମ ସୁନ୍ଦର, ପରମ ଆନନ୍ଦପ୍ରଦ ଅମୂଲ୍ୟ ସାଧନ ଦେଇଛନ୍ତି । ଯାହାର ସଦୁପଯୋଗ କରି ଯେ କେହି ଅନ୍ତଃ-ବାହ୍ୟ ସମୃଦ୍ଧି ଦ୍ୱାରା ସମ୍ପନ୍ନ ହୋଇ ଜୀବନକୁ କୃତାର୍ଥ କରି ପାରିବ । 'ଶ୍ରୀବିଷ୍ଣୁ ସହସ୍ର ନାମ ସ୍ତୋତ୍ରମ୍'ର ମୂଳରୂପ ଦେବ ବାଣୀ ସଂସ୍କୃତ ଭାଷାରେ ମହାଭାରତ ଅନୁଶାସନ ପର୍ବ ୧୪୯ ଅଧାୟରେ ଶ୍ଳୋକ ବଦ୍ଧ କରାଯାଇଛି । ପରମ ଯୋଗୀ, ସର୍ବ ଶାସ୍ତ୍ର ବିଶାରଦ, ପରମ ଜ୍ଞାନୀ ସିଦ୍ଧ ମହାପୁରୁଷ ପ୍ରାତଃ ସ୍ମରଣୀୟ ଆଚାର୍ଯ୍ୟପ୍ରବର ଶ୍ରୀମଦ୍ ଆଦ୍ୟ ଶଙ୍କରାଚାର୍ଯ୍ୟ ମହାରାଜ ଲୋକ କଲ୍ୟାଣାର୍ଥେ ଏହା ଉପରେ ସଂସ୍କୃତରେ ବିସ୍ତୃତ ଭାଷ୍ୟ ଲେଖିଛନ୍ତି । ଯାହା ଜ୍ଞାନୀ ଏବଂ ଭକ୍ତ ଉଭୟଙ୍କ ନିମନ୍ତେ ପରମ ଆଦରଣୀୟ ରଚନା । ଶ୍ରଦ୍ଧାପୂର୍ବକ ଏହି ସ୍ତୋତ୍ରକୁ ଯଥାବିଧି, ନିୟମ ପୂର୍ବକ ପାଠ କଲେ ମନ୍ତ୍ରର ଉଚ୍ଚାରଣ ଦ୍ୱାରା ଶରୀରର ବିଭିନ୍ନ କେନ୍ଦ୍ରରେ କଲ୍ୟାଣକାରୀ ଗଭୀର ପ୍ରଭାବ ପଡ଼ିଥାଏ । ମନରେ ଭଗବାନଙ୍କର ସ୍ୱରୂପ ଚିନ୍ତନ ଦ୍ୱାରା ଭକ୍ତି ଭାବ ବଢ଼େ, ହୃଦୟ କମଳରେ ଭକ୍ତି ପୁଷ୍ପ ପ୍ରସ୍ଫୁଟିତ ହୋଇଥାଏ । ଶ୍ଳୋକର ଅର୍ଥକୁ ହୃଦୟଙ୍ଗମ କରି ତାର ଚିନ୍ତନ-ମନନ କଲେ ବୁଦ୍ଧିରେ ଭଗବାନଙ୍କ ତାତ୍ତ୍ୱିକ ସ୍ୱରୂପର ଝଲକ ମିଳେ ।

**ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ**

# ସ୍ୱର୍ବେଦ

**ୱିଦ୍ୟୁତ ସେ ଗତି ଚପଲ ହୈ,**
**ମନ କର ଚାଲ ଅପାର ।**
**ଇନ୍ଦ୍ରିନ ସଂଚାଲନ କରେ, କର୍ମ**
**ୱର୍ଣ୍ଣ ୱିସ୍ତାର ॥୨୦॥**

ଭାଷ୍ୟ - ବିଦ୍ୟୁତ ଠାରୁ ମଧ୍ୟ ମନର ଗତି ତେଜ ଅଟେ ଏବଂ ମନର ଗତି ଅପାର ଅଟେ । ସେ ଇନ୍ଦ୍ରିୟମାନଙ୍କୁ ସଂଚାଳନ କରି କର୍ମ ଓ ବାଣୀର ବିସ୍ତାର କରେ । ଆତ୍ମା ଏହି କର୍ମ ଆଉ ବର୍ଣ୍ଣମାନଙ୍କରେ ଭୂଲି ନିଜର ଚେତନ ସ୍ୱରୂପ ତଥା ପରଂବ୍ରହ୍ମଙ୍କୁ ପ୍ରାପ୍ତ ନ କରି ଅନେକ ଜନ୍ମର ଆତଯାତ ଦୁଃଖକୁ ପ୍ରାପ୍ତ କରି ଆସୁଛି ।


**ମନ ମାୟା ସୁକ୍ଷମ ରହେ, ଅନ୍ତର**
**ତନ ମହଁ ୱାସ ।**
**ମନେ ନିରଞ୍ଜନ କାଲ ହୈ, ଖାୱେ**
**ୱିଷୟନ ଫାଁସ ॥୨୧॥**

ଭାଷ୍ୟ - ମନର ଭିତରେ ସୂକ୍ଷ୍ମ ମାୟା ରହିଛି, ଯାହା ଶରୀର ଭିତରେ ବାସ କରେ । ମନ ହିଁ କାଳ-ନିରଞ୍ଜନ ଅଟେ ଯାହା ଜୀବକୁ ବିଷୟାଦି ବନ୍ଧନରେ ରଖି ତାହାର ମହାନ୍ ଉଦ୍ଦେଶ୍ୟକୁ ନଷ୍ଟ କରେ ଅର୍ଥାତ୍ ଆତ୍ମ ଉତ୍ଥାନ ନିମନ୍ତେ ଅଗ୍ରସର ହେବାକୁ ଦିଏନାହିଁ ।

**ମନ କୀ ଚାଲ କୁଚାଲ ହୈ,**
**ଜୀୱାହିଁ ଉୱଟ ଚଲାୱେ ।**
**ମନ ଫନ୍ଦା ମେଁ ଜିୱ ପଡ଼େ, ବିନୁ**
**ଗୁରୁ କୱନ ଛୋଡ଼ାୱେ ॥୨୨॥**

ଭାଷ୍ୟ - ମନର ଗତି ମନ୍ଦ ଅଟେ । ଏହା ଜୀବମାନଙ୍କୁ ଦୁଃଖଦାୟୀ ପତନର ମାର୍ଗରେ ପରିଚାଳିତ କରେ ଆଉ ଜୀବ ବିଷୟ ସୁଖର ପ୍ରଲୋଭନରେ ପଡ଼ି ମନର ଫାଶରେ ପଡ଼ିଯାଏ । ସଦ୍‌ଗୁରୁ ବିନା ଏହି ଭବବନ୍ଧନ ଦୁଃଖରୁ ଛଡ଼ାଇବା ନିମନ୍ତେ ଆଉ କିଏ ଅଛନ୍ତି ?

**ମାୟା ସୂକ୍ଷମ ମନହିଁ ହେ, ମନ**




**କର ସକଲ ପସାର ।**
**କୱି କୋୱିଦ ଋଷି ମୁନି ପଡ଼େ,**
**ସଦ୍‌ଗୁରୁ ଏକ ଅଧାର ॥୨୩॥**

ଭାଷ୍ୟ - ସୂକ୍ଷ୍ମ ମାୟା ମନ ହିଁ ଅଟେ । ପୁଣି ମନର ସମସ୍ତ ବିସ୍ତାର ରହିଛି । ଋଷି ମୁନି ଏବଂ ସମସ୍ତ ପ୍ରାକୃତିକ ବିଦ୍ୱାନ ଏହାର ଫାଶରେ ପଡ଼ିଛନ୍ତି । ଏହାର ନିବୃତ୍ତି ନିମନ୍ତେ ସଦ୍‌ଗୁରୁ ହିଁ ଏକମାତ୍ର ଭରସା ଅଟନ୍ତି ।

**ମନ କୋ ଜୀତେ ଜଗ ଜିତେ,**
**ମନ ସେ ହାରେ ହାର ।**
**ମନ ପାରଖି ଗୁରୁ ବିନୁ ନହୀଁ, ମନ**
**କର ଲକ୍ଷ ଦୁୱାର ॥୨୪॥**

ଭାଷ୍ୟ - ମନରେ ହିଁ ସାରା ସଂସାର ଭରି ରହିଛି । ସେଥିପାଇଁ ମନକୁ ଜିଣି ପାରିଲେ ସମସ୍ତ ସଂସାର ଉପରେ ବିଜୟ ଲାଭ କରିହୁଏ ତଥା ମନ ଠାରୁ ହାରିଗଲେ ନିଜର ପରାଜୟ ହୋଇଯାଏ । ମନ ହିଁ ଜୀବର ପରମ ଶତ୍ରୁ ଅଟେ । ଗୁରୁ ବିନା ମନକୁ ଚିହ୍ନି ହୁଏ ନାହିଁ । ମନର ଶତ ସହସ୍ର ଦ୍ୱାର ରହିଛି ଯେଉଁଥି ପାଇଁ ମନ ଜୀବକୁ ନିଜ ନିୟନ୍ତ୍ରଣରେ ସକ୍ଷମ ହୋଇପାରେ ।

**ଧର୍ମ କର୍ମ ସଂସାର ମେଁ, ସୋ ସବ**
**ମନ କର ରୂପ ।**
**ଜନ୍ମ ମରଣ ଦୁଖ ସୁଖ ସଭୀ, ଜୀୱ**
**ପରେ ଭୱକୂପ ॥୨୫॥**

ଭାଷ୍ୟ - ସଂସାରରେ ଯେତିକି ଧର୍ମ ଏବଂ କର୍ମ ଅଛନ୍ତି, ସେ ସମସ୍ତ ମନର ସ୍ୱରୂପ ଅଟନ୍ତି । ସେମାନଙ୍କ ଦ୍ୱାରା ହିଁ ଜୀବ ଭବସାଗରରେ ଛନ୍ଦିହୋଇ ଜନ୍ମ ମରଣ ଏବଂ ସମସ୍ତ ଦୁଃଖ ସୁଖକୁ ଭୋଗ କରୁଅଛି ।

**ମାୟା ଜଗ ସ୍ଥୁଲ ହେ, ସୋ ସବ**
**ବାହର ଦେଖ ।**
**ସୁକ୍ଷମ ମାୟା ମନହିଁ ହୈ, ଅନ୍ତର**
**ଘଟ ମେଁ ପେଖ ॥୨୬॥**

ଭାଷ୍ୟ - ବାହାରକୁ ଯାହା ଦୃଶ୍ୟମାନ ହେଉଅଛି ସେଗୁଡ଼ିକ ସଂସାରର ସ୍ଥୁଳ ମାୟା ଅଟେ । ସୂକ୍ଷ୍ମ ମାୟା ମନ ଅଟେ, ତାକୁ ନିଜର ଶରୀର ଭିତରେ ଦେଖିବାର ପ୍ରଚେଷ୍ଟା କରନ୍ତୁ ।

**ବିଜ ଅଧାର ମେଁ ବୃକ୍ଷ ହୈ, ମନ**
**ମେଁ ଜଗ ୱିସ୍ତାର ।**
**ମନ ମାରେ ଜଗ ନହିଁ ରହେ,**
**ଶବ୍ଦ ମେଁ ସୁରତି ସଂହାର ॥୨୭॥**

ଭାଷ୍ୟ - ବୀଜରୁ ବୃକ୍ଷର ସୃଷ୍ଟି । ସେହି ପ୍ରକାର ମନ ଭିତରେ ହିଁ ସମସ୍ତ ବିସ୍ତାରର ବୀଜ ରହିଛି, ମନ ମରିଗଲେ ଆଉ ସଂସାର ରହେନାହିଁ । ସେଥିପାଇଁ ଅନୁଭବୀ ସନ୍ଥ, ମନ ମାୟାକୁ ଛାଡ଼ି ଶବ୍ଦ ପରମ ପୁରୁଷଙ୍କ ଠାରେ ନିଜ ସୁରତିର ନିରୋଧ କରିଥାନ୍ତି ।

**ସଦ୍‌ଗୁରୁ ନିୟମ ୱିରୁଧ ଜୋ, ସୋ**
**ସବ ମନ ପରପଞ୍ଚ ।**
**ଅଜ୍ଞା ପରମ ରହସ୍ୟ ମେଁ, ମନ**
**କର ତାପ ନ ରଞ୍ଚ ॥୨୮॥**

ଭାଷ୍ୟ - ସଦ୍‌ଗୁରୁ ନିୟମ, ମାର୍ଯ୍ୟାଦା ବିରୁଦ୍ଧରେ ଯେଉଁ କାର୍ଯ୍ୟ ହୁଏ, ସେସବୁ ମନର ପ୍ରପଞ୍ଚରୁ ହୋଇଥାଏ । ସଦ୍‌ଗୁରୁ ଆଜ୍ଞାନୁକୂଳ ଯୋଗର ଭେଦ ଦ୍ୱାରା ପ୍ରଭୁଙ୍କର ଭକ୍ତି କଲେ ମନର ତାପ ଆଦୌ ହୁଏ ନାହିଁ ।

**ପାଞ୍ଚ ଶବ୍ଦ ବ୍ରହ୍ମାଣ୍ଡ କେ, ଔର ଏକ**
**ମନ ଜାନ ।**
**ଅକ୍ଷର ସେ ଉତପନ୍ନ ହୈ, ଅକ୍ଷର**
**ଅଂଶ ସମାନ ॥୨୯॥**

ଭାଷ୍ୟ - ବ୍ରହ୍ମାଣ୍ଡର ପାଞ୍ଚ ଶବ୍ଦ ଆଉ ମନ, ଅକ୍ଷରରୁ ଉତ୍ପନ୍ନ ହୋଇଥାନ୍ତି ଏବଂ ଏହା ଛଅ ଅକ୍ଷରର ଅଂଶ ସମାନ ଅଟନ୍ତି । ଅକ୍ଷରର ଧାର ବ୍ରହ୍ମାଣ୍ଡକୁ ଆସିବା ପରେ ନିଜ ନିଜ ସ୍ଥାନରେ ପାଞ୍ଚୋଟି ଯାକ ଶବ୍ଦ ତିଆରି ହୁଅନ୍ତି ଏବଂ ମନ ଅକ୍ଷର ଦ୍ୱାରା ପ୍ରକଟିତ ହୋଇ ଇନ୍ଦ୍ରିୟ ସମୂହ ଦ୍ୱାରା ନିଜର କାର୍ଯ୍ୟ କରିଥାନ୍ତି । ଚେତନର ଜଡ଼ ଅଂଶ ନ ଥାଏ, ବରଂ ଚେତନ ଧାର ବ୍ରହ୍ମାଣ୍ଡକୁ ଆସି ଏସବୁ ସ୍ୱରୂପରେ ପ୍ରକଟ ହୁଏ । ଏ ପ୍ରକାରର ପଞ୍ଚ ଶବ୍ଦକୁ ଅଂଶ ବୋଲି କୁହାଯାଇଛି ।

**ଭଲା ବୁରା ସବ ମନହିଁ ହୈ,**
**ପାପ ପୁଣ୍ୟ ମନ ରୂପ ।**
**ମନ ରାଜା ତିନ ଲୋକ କା, କର୍ମ**
**ଭୋଗ ବହୁ ରୂପ ॥୩୦॥**

ଭାଷ୍ୟ - ଭଲ ମନ୍ଦ ଦୁଇଟି ଯାକ ମନର ବିଷୟ ଅଟନ୍ତି ତଥା ପାପ ପୁଣ୍ୟ ମନର ହିଁ ଦୁଇଟି ସ୍ୱରୂପ ଅଟନ୍ତି । ମନ ତ୍ରିଲୋକର ସମ୍ରାଟ । ସେ ବିବିଧ କର୍ମ କରି ଅନେକ ଭୋଗର ସ୍ୱରୂପକୁ ପ୍ରାପ୍ତ କରିଥାଏ ।

**ପଞ୍ଚ ୱିଷୟ ଗୋ ଅର୍ଥ ହୈ, ଏକ**
**ସଙ୍ଗ ନହିଁ ଭୀଂଗ ।**
**ମନ ସତ୍ତା ଏକ ୱସ୍ତୁ ହୈ, ୟହ**
**ମନ କର ହୈ ଲୀଙ୍ଗ ॥୩୧॥**

ଭାଷ୍ୟ - ଇନ୍ଦ୍ରିୟମାନଙ୍କର ପଞ୍ଚ ବିଷୟର ସମ୍ବନ୍ଧ ଏକତ୍ର ଯାହା ସାଥୀରେ ହୁଏ ନାହିଁ, ତାହା ମନ ଅଟେ । ଏହାର ମନର ଲକ୍ଷଣ ଅଟେ । ମନ ଏକ ପଦାର୍ଥ ଅଟେ ।

# ସ୍ୱାସ୍ଥ୍ୟ ପାଇଁ ଭଲ ହେଙ୍ଗୁ

ଅନେକଙ୍କ ରୋଷେଇ ଘରେ ଏକ ମସଲା ଭାବେ ହେଙ୍ଗୁର ବ୍ୟବହାର ରହି ଆସିଛି । ଏହା ଖାଦ୍ୟର ସ୍ୱାଦ ବଢ଼ାଇବା ସହ ତାକୁ ସୁପାଚ୍ୟ କରିଥାଏ । ପେଟର ବାୟୁବିକାରକୁ ଏହା ଦୂର କରେ । ହେଙ୍ଗୁ ଗଛ ଛ'ରୁ ଆଠ ଫୁଟ ଯାଏଁ ବଢ଼ିପାରେ । ଏଥିରେ ହଳଦିଆ ରଙ୍ଗର ଫୁଲ ଫୁଟିଥାଏ । ଏହି ଗଛର ରସ ଶୁଖିଯିବା ପରେ ତାହା ହେଙ୍ଗୁ ଭାବେ ବ୍ୟବହାର ଉପଯୋଗୀ ହୋଇଥାଏ । ହେଙ୍ଗୁର ତୀବ୍ର ବାସ୍ନା ଅସହନୀୟ । ଇଂରାଜୀରେ ଏହାର ତୀବ୍ର ବାସ୍ନାକୁ 'ଡେଭିଡ୍ ଡଙ୍ଗ' ବା ରାକ୍ଷସର ଗୋବର ବୋଲି କୁହାଯାଇଥାଏ । ତେବେ ଏହି ବୃକ୍ଷର ବୈଜ୍ଞାନିକ ନାମ 'ଫେରୁଲା ଆସୋଫାଏଟିଡ଼ା' । ଗୋଟିଏ ଗଛରୁ ୧୦୦ ଗ୍ରାମରୁ ଆରମ୍ଭ କରି ୩୦୦ ଗ୍ରାମ ଯାଏଁ ହେଙ୍ଗୁ ମିଳିଥାଏ । ଇରାନ୍ ଏବଂ ଆଫଗାନିସ୍ଥାନରେ ସର୍ବାଧିକ ହେଙ୍ଗୁ ଉତ୍ପାଦିତ ହୋଇଥାଏ । ଭାରତରେ କାଶ୍ମୀର ଏବଂ ପଞ୍ଜାବରେ ଏହାର ଉତ୍ପାଦନ ହୋଇଥାଏ । ହେଙ୍ଗୁ ତାମିଲ ଭାଷାରେ ପେରୁଙ୍ଗାୟମ୍, ତେଲୁଗୁରେ ଇଙ୍ଗୁୱା, ମଲୟାଲମରେ କାୟମ୍, ଗୁଜୁରାଟି ଭାଷାରେ ହିଙ୍ଗା, କଶ୍ମୀରରେ ୟାଙ୍ଗ ନାମରେ ପରିଚିତ । ହେଙ୍ଗୁରୁ ବିଭିନ୍ନ ଭିଟାମିନ୍ ଏବଂ ଖନିଜ ଯେପରିକି କ୍ୟାଲସିୟମ, ଫସଫରସ, ଆଇରନ, କେରୋଟିନ୍, ରାଇବୋଫ୍ଲୋବିନ୍ ଓ ନିୟାସିନ୍ ଆଦି ମିଳିଥାଏ । ଏହାର ଅନେକ ଔଷଧୀୟ ଗୁଣ ରହିଛି ।

ପୂର୍ବରୁ ଲୋକେ ବିଭିନ୍ନ ପ୍ରକାର ପେଟ ରୋଗ ପାଇଁ ହେଙ୍ଗୁ ବ୍ୟବହାର କରୁଥିଲେ । ଏହା ପେଟରେ ଗ୍ୟାସ୍, କୃମି, ଫେଟ, ଫୁଲିବା ଆଦି ରୋଗର ଉପଚାର କରେ । ଗ୍ୟାସ୍ ବା ପେଟଯନ୍ତ୍ରଣା ହେଉଥିଲେ ହେଙ୍ଗୁ, ଜୁଆଣି ଏବଂ ବିଟ୍ ଲୁଣକୁ ମିଶାଇ ଉଷୁମ ପାଣିରେ ସେବନ କରିବା ଦ୍ୱାରା ତୁରନ୍ତ ଆରାମ ମିଳିଥାଏ । ଛୋଟ ପିଲାଙ୍କର ଗ୍ୟାସଜନିତ ପେଟଯନ୍ତ୍ରଣା ହେଉଥିଲେ ଉଷୁମ ପାଣିରେ ହେଙ୍ଗୁ ମିଶାଇ ନାଭିର ଆଖପାଖରେ ଲଗାଇବା ଦ୍ୱାରା ବାୟୁ ବାହାରି ଯାଇ ପେଟକୁ ଆରାମ ଦିଏ ।

ଯନ୍ତ୍ରଣାନାଶକ ଭାବେ ହେଙ୍ଗୁର ବ୍ୟବହାର ହୋଇଥାଏ । ବିଶେଷକରି ମହିଳାମାନଙ୍କ ମାସିକଧର୍ମ ସମୟରେ ହେଉଥିବା



କଷ୍ଟକୁ ଏହା ଦୂର କରିଥାଏ । ଦାନ୍ତବିନ୍ଧା, ମୁଣ୍ଡବିନ୍ଧା, ଅର୍ଦ୍ଧକପାଳୀର କଷ୍ଟରୁ ଏହା ରକ୍ଷା କରିଥାଏ । ଏଥିପାଇଁ ଗୋଟେ ଗ୍ଲାସ ପାଣିରେ ଚିମୁଟାଏ ହେଙ୍ଗୁ ପକାଇ ତାକୁ ନିଆଁରେ ଫୁଟାଇ ଦିଅନ୍ତୁ । ଏହା ଟିକେ ଶୀତଳ ହେଲେ ଅଳ୍ପ ଉଷୁମ ଥିବା ଅବସ୍ଥାରେ ରୋଗୀକୁ ପିଇବାକୁ ଦିଅନ୍ତୁ । ଦାନ୍ତବିନ୍ଧା ହେଉଥିଲେ ହେଙ୍ଗୁରେ ଲେମ୍ବୁ ରସ ମିଶାଇ ଏକ ବହଳିଆ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ଦାନ୍ତରେ ଲଗାଇଲେ ଯନ୍ତ୍ରଣା ହ୍ରାସ ପାଇଥାଏ ।

ଛାତିରୁ କଫ ବାହାର କରିବା ପାଇଁ ହେଙ୍ଗୁ ସହ ମହୁ ଏବଂ ଅଦାର ପ୍ରୟୋଗ କରାଯାଇଥାଏ । ଏହା ଲହରାକାଶରୁ ମଧ ଭଲ କରିଥାଏ ।

ହେଙ୍ଗୁରେ ଥିବା ବିଭିନ୍ନ ତତ୍ତ୍ୱ ରକ୍ତଶର୍କରା ହ୍ରାସ କରିଥାଏ । ଏହା ପାନକ୍ରିଆସ୍ ବା ପାଚକଗ୍ରନ୍ଥିରୁ ଅଧିକ ଇନସୁଲିନ କ୍ଷରଣରେ ସହାୟକ ହୋଇଥାଏ । ତେଣୁ ମଧୁମେହକୁ ହେଙ୍ଗୁ ନିୟନ୍ତ୍ରଣ କରିଥାଏ ।

ହେଙ୍ଗୁରେ ଉପଲବ୍ଧ କ୍ୟୁମେରିନ୍ ନାମକ ଏକ ତତ୍ତ୍ୱ ରକ୍ତକୁ ପତଳା କରିବାରେ ସହାୟକ ହୋଇଥାଏ । ତେଣୁ ରକ୍ତପ୍ରବାହରେ ପ୍ରତିବନ୍ଧକ ସୃଷ୍ଟି ହୋଇ ନ ଥାଏ । ଏହା ମଧ ରକ୍ତରେ କୋଲେଷ୍ଟରଲ ଏବଂ ଟ୍ରାଇଗ୍ଲିସରାଇଡକୁ କମ୍ କରିଥାଏ । ହୃଦରୋଗ ସମସ୍ୟା ହ୍ରାସ କରିବାରେ ହେଙ୍ଗୁ ବେଶ୍ ଉପଯୋଗୀ ।

ମହୁମାଛି ଦଂଶନ କରିଥିଲେ ହେଙ୍ଗୁକୁ ପାଣିରେ ମିଶାଇ ବହଳିଆ ପେଷ୍ଟ ପ୍ରସ୍ତୁତ କରି ଦଂଶନ ସ୍ଥାନରେ ଲଗାଇଲେ ତୁରନ୍ତ ଆରାମ ମିଳିଥାଏ ।

# ସଂକ୍ରମଣରୁ ରକ୍ଷା କରେ ହଳଦୀ

ଆମ ରାଜ୍ୟରେ ଦୁଇ ପ୍ରକାର ହଳଦୀ ଦେଖାଯାଏ । ଦେଶୀ ବା ଓଡ଼ିଶୀ ହଳଦୀ । କିନ୍ତୁ ବୈଦ୍ୟଶାସ୍ତ୍ର ମତରେ ହଳଦୀ ୪ ପ୍ରକାର । ସାଧାରଣ ହଳଦୀ, କର୍ପୁର ହଳଦୀ, ବନ ହଳଦୀ ଓ ଦାରୁ ହଳଦୀ । ଭାରତୀୟ ବ୍ୟଞ୍ଜନରେ ହଳଦୀ ଅପରିହାର୍ଯ୍ୟ । ଏପରିକି ପ୍ରତ୍ୟେକ ଶୁଭ କାର୍ଯ୍ୟରେ ମଧ ହଳଦୀର ଉପସ୍ଥିତି ନିହାତି ଜରୁରୀ । ହଳଦୀ ଯେ କେବଳ ସ୍ୱାଦ ବା ଶୁଭ ପାଇଁ ଗ୍ରହଣୀୟ ତା ନୁହେଁ । ଏହା ବିଭିନ୍ନ ପ୍ରକାର ସଂକ୍ରମଣରୁ ଶରୀରକୁ ରକ୍ଷା କରିଥାଏ । ହଳଦୀରେ ରୋଗ ପ୍ରତିରୋଧକ ଉପାଦାନ ରହିଛରି । ହଳଦୀରେ ଥିବା ତତ୍ତ୍ୱ କରକ୍ୟୁମିନ୍ କାରଣରୁ କ୍ୟାଥେଲିସାଇଡିନ୍ ଆଣ୍ଟି ମାଇକ୍ରୋବାୟଲ ପେପ୍‌ଟାଇଡ୍ (ସିଏଏମ୍‌ପି) ନାମକ ପ୍ରୋଟିନ୍‌ର ମାତ୍ରା ବୃଦ୍ଧି ପାଇଥାଏ । ଏହି ପ୍ରୋଟିନ୍ ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଏ । ଫଳରେ ଶରୀର ଜୀବାଣୁ ଏବଂ



ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇପାରେ । ସାଧାରଣତଃ ଖାଦ୍ୟରେ କରକ୍ୟୁମିନ୍‌ର ମାତ୍ରା ଖୁବ୍ କମ୍ ଥିଲେ ମଧ ଏହା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକାରୀ । ବିଶେଷ କରି ଏହି ତତ୍ତ୍ୱ । ଅନ୍ତନଳୀରେ ସଂକ୍ରମଣ ରୋକିଥାଏ । ତେଣୁ ହଳଦୀ କେବଳ ଖାଦ୍ୟକୁ ସ୍ୱାଦିଷ୍ଟ କରେ ନାହିଁ, ଶରୀରର ପ୍ରତିରକ୍ଷା ମଧ ମଜବୁତ କରିଥାଏ ।

## ଟିକିଏ ହସନ୍ତୁ

ଡାକ୍ତର ରୋଗୀକୁ : ତମେ ଏବେ ସମ୍ପୂର୍ଣ୍ଣ ଭଲ ହେଇଗଲଣି । ତଥାପି ଏତେ ଡ଼ରୁଛ କାହିଁକି ?

ରୋଗୀ : ସାର୍ ମୋର ଯେଉଁ ଗାଡି ସହ ଧକ୍କା ହେଇଥିଲା ସେଥିରେ ଲେଖା ହେଇଥିଲା – 'ଜୀବନ ରହିଲେ ପୁଣି ମିଶିବା' ।

× × × ×

ଗୋପୀ ଓ ରାଜୁ ଗୋଟିଏ ଶ୍ରେଣୀରେ ଦୁଇ ଥର ଫେଲ ହେବାପରେ

ଗୋପୀ : ସାଙ୍ଗ, ଆମେ ଦୁଇ ଦୁଇ ଥର ଫେଲ୍ ହେଲେଣି । ଭାରି ଲାଜ ଲାଗୁଛି । ମୁହଁ ଦେଖେଇ ହଉନି ଓ ଚାଲ୍ ଦୁଇଜଣଯାକ ଆତ୍ମହତ୍ୟା କରିଦେବା ।

ରାଜୁ : ପାଗଳ ହେଲୁ ନା କ'ଣ ? ମରିକି ଆଉ ଥରେ ଜନ୍ମ ହେଇ କ'ଣ ପୁଣିଥରେ ଆରମ୍ଭରୁ ପଢିବା ?



× × × ×

ଝଗଡା ପରେ ସ୍ତ୍ରୀ ସ୍ୱାମୀଙ୍କୁ ଆସ ଖାଇବ ।

ସ୍ୱାମୀ : ମୁଁ ଖାଇବିନି । ତମ ହାତରନ୍ଧା ତ କୁକୁର ଖାଇବନି ।

ସ୍ତ୍ରୀ : ସେଇଥିପାଇଁ ତ ତମକୁ ଡାକୁଛି ଖାଇବ ବୋଲି ।

× × × ×

ଗୋବିନ୍ଦ ନୂଆ ସାଙ୍ଗ ହେଇଥିବା ମନୁଆକୁ : ଜାଣିଛୁ, କାଲି ପେଟେ ପିଇ ଦେଇଥିଲି ।

ଘରେ ପହଞ୍ଚିଲା ବେଳକୁ ରାତି ଗୋଟେ ହେଲାଣି । ଯେତେ କବାଟ ବାଡେଇଲି ସ୍ତ୍ରୀ ଫିଟେଇଲା ନାହିଁ ।

ବାଧ ହେଇ ବାରଣ୍ଡାରେ ଶୋଇଲି । ସକାଳକୁ ଉଠି ଦେଖିଲି ମୁଁ ବାରଣ୍ଡାରେ ଶୋଇଛି । ଘରେ ତାଲା ଝୁଲୁଛି ।

ମନୁଆ : ତା'ପରେ କ'ଣ କଲୁ ?

ଗୋବିନ୍ଦ : ପକେଟ୍ ଅଣ୍ଡାଳିଲି ଚାବି ଥିଲା । ଆଉ ମନେ ପଡିଗଲା, ଆରେ ମୁଁ ତ ବାହା ହେଇନି ।

× × × ×

ରଘୁ ଉତ୍ତରପ୍ରଦେଶର ଏକ ତୀର୍ଥସ୍ଥାନ ବୁଲିବାକୁ ଯାଇଥିଲେ । ସେଠାରୁ ଫେରିବା ପରେ ତାଙ୍କର ସାଙ୍ଗ ବିଶୁ ସହ ଦେଖା ହେଲା ।

ବିଶୁ : ଆରେ ରଘୁ, କେବେ ଫେରିଲୁ, କିପରି ରହିଲା ତୀର୍ଥଯାତ୍ରା ?

ରଘୁ : ଥକ୍କା ଥକ୍କା ଲାଗୁଛି ଭାଇ, ରାତିରେ ଭଲରେ ଟିକେ ଶୋଇନି, ଉପର ବର୍ଥ ମିଳିଥିଲା,ପବନ ଆଦୌ ଦେହରେ ବାଜୁ ନ ଥିଲା ।

ବିଶୁ : କାହା ସହିତ ବର୍ଥ ଚେଞ୍ଜ କରି ଦେଇଥାନ୍ତୁ । ରଘୁ ତୁ ମୋତେ ଏବେ ଏକଥା କହୁଛୁ । ହେଲେ ଯେତେବେଳେ ମୁଁ ସେହି ଟ୍ରେନ୍‌ରେ ଯାତ୍ରା କରୁଥିଲି ମୋ ତଳ ବର୍ଥ ଦୁଇଟି ଫାଙ୍କା ଥିଲା । ମୁଁ କାହା ସହିତ ଏକ୍ସଚେଞ୍ଜ କରିଥାଆନ୍ତି କହୁନୁ ?

× × × ×

ପିଲାଙ୍କୁ କ୍ଲାସରେ ପଢ଼ାଉଥିବା ସମୟରେ ଶିକ୍ଷକ ପଚାରିଲେ, ପିଲାମାନେ, ନ୍ୟୁଟନ୍‌ଙ୍କ ନିୟମ ବିଷୟରେ କ'ଣ ଜାଣିଛ କହିଲ ।

ରୋହନ୍ ଉଠିଯାଇ କହିଲା– ସାର୍, ସମ୍ପୂର୍ଣ୍ଣ ନିୟମଟି ତ ମୋର ମନେ ନାହିଁ । ହେଲେ ଶେଷ ଧାଡି ଜାଣିଛି ।

ଶିକ୍ଷକ : ତେବେ କହ ।

ରୋହନ : ଏହାକୁ ନ୍ୟୁଟନ୍‌ଙ୍କ ନିୟମ କୁହାଯାଏ ।

## ଚନ୍ଦନର ଉପକାରିତା

ଚନ୍ଦନକୁ ଏକ ପବିତ୍ର ବୃକ୍ଷଭାବେ ଭାରତୀୟମାନେ ଗ୍ରହଣ କରିଆନ୍ତି । ଏହା କେବଳ ଦେବପୂଜା ପାଇଁ ନୁହେଁ, ବିଭିନ୍ନ ରୋଗର ଉପଚାରରେ ଏହାକୁ ବ୍ୟବହାର କରାଯାଇଥାଏ । ଶରୀରକୁ ଆରାମ ଦେବା ସହ ମନକୁ ପ୍ରଫୁଲ୍ଲ ରଖିବା ପାଇଁ ଚନ୍ଦନର ବ୍ୟବହାର କରାଯାଇଥାଏ । ଚନ୍ଦନ କାଠ ଶରୀରକୁ ବିଭିନ୍ନ ପ୍ରକାର ସଂକ୍ରମଣରୁ ରକ୍ଷା କରିଥାଏ । ଏହା ଆଣ୍ଟିସେପ୍ଟିକର କାମ କରେ । ଏପରିକି ଖାଦ୍ୟ ପଦାର୍ଥକୁ ସ୍ୱାଦିଷ୍ଟ କରିବା ପାଇଁ ଚନ୍ଦନ ତୈଳର ପ୍ରୟୋଗ ହୋଇଥାଏ । ଚନ୍ଦନ ତ୍ୱଚାକୁ ସୁସ୍ଥ ରଖିଥାଏ । ଏହା ଚର୍ମ ଶୁଷ୍କତା, କୁଣ୍ଡେଇ ହେବା ଏବଂ ଏକ୍‌ଜିମାରୁ ରକ୍ଷା କରେ । ତେଲିଆ ତ୍ୱଚା ପାଇଁ ଚନ୍ଦନ ଲାଭଦାୟକ । ଏଥିରେ ଥିବା ଫିରୋମେନ୍ ତତ୍ତ୍ୱ ପାଇଁ ଏହାକୁ ଦୁର୍ଗନ୍ଧ ନିବାରକ ଭାବେ ବ୍ୟବହାର କରାଯାଇଥାଏ । ଚନ୍ଦନ ତୈଳ ଶରୀରରେ ସ୍ଫୂର୍ତ୍ତି ଭରିଦିଏ । ଶରୀରର ସ୍ଫୂର୍ତ୍ତି ପାଇଁ ଚନ୍ଦନ ସହ ଅତରର ପ୍ରୟୋଗ କରାଯାଏ ।

ଚନ୍ଦନ ଆମର ପେଟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ ଦୂର କରିବା ସହ ପାଚନ କ୍ରିୟାକୁ ଠିକ୍ ରଖେ । ଆର୍ଥିକ



ଖାଦ୍ୟ ଜୀର୍ଣ୍ଣ ହେଉ ନ ଥିଲେ ଚନ୍ଦନର ଉପଚାର କରାଯାଇଥାଏ ।

ଚନ୍ଦନର ତେଲ କେଶକୁ ମଜଭୁତ କରିବା ସହ ଝଡିବା ବନ୍ଦ କରିଥାଏ । ଏହା କେଶକୁ ଉତ୍ତମ ପୋଷଣ ଦେବା ସହ ଚମକ ଆଣିଥାଏ ।

ଚନ୍ଦନର ଛାଲି, କାଠ ଏବଂ ତୈଳ ଔଷଧ ପାଇଁ ବ୍ୟବହାର କରାଯାଇଥାଏ । ଚନ୍ଦନକାଠିରେ ଥିବା ଆଣ୍ଟିମାଇକ୍ରୋବିୟାଲ୍ ତତ୍ତ୍ୱ ଖାଦ୍ୟନଳୀରେ ସଂକ୍ରମଣ ଏବଂ ଆଉକିଛି ଆଭ୍ୟନ୍ତରୀଣ ସମସ୍ୟାକୁ ଦୂର କରେ ।

ଜନନାଙ୍ଗ, ମୂତ୍ରାଶୟ ସଂକ୍ରମଣରେ ଏହା ଆଣ୍ଟିସେପ୍ଟିକ୍ ଭଳି କାର୍ଯ୍ୟ କରେ । ଗନେରିଆ ପରି ଯୌନ ସଂକ୍ରମଣକୁ ଏହା ଆରୋଗ୍ୟ କରେ ।

ସିଧାସଳଖ ଚନ୍ଦନକୁ ଘୋରି ଲଗାଇବା ତ୍ୱଚା ପଇଁ ଲାଭଦାୟକ । ଅତ୍ୟଧିକ ଗରମ ପଡିଥିଲେ ଚନ୍ଦନ ଲଗାଇବା ଦ୍ୱାରା ଆରାମ ମିଳେ । ଚନ୍ଦନର ପାଉଡ଼ର ନିୟମିତ ବ୍ୟବହାର ଦ୍ୱାରା ତ୍ୱଚା ସୁସ୍ଥ ରହେ ।

ଉଚ୍ଚ ରକ୍ତଚାପ, ମାନସିକ ଚାପକୁ ନିୟନ୍ତ୍ରଣକୁ ଆଣେ ଚନ୍ଦନର ଏସେନସିଆଲ ଅଏଲ । ଏହା କ୍ଷତକୁ ଭଲ କରେ । ତେବେ ଏହି ତେଲକୁ ସିଧାସଳଖ ବ୍ୟବହାର ନ କରି ଅନ୍ୟ ତେଲରେ ଏହାକୁ ସାମାନ୍ୟ ମାତ୍ରାରେ ମିଶାଇ ବ୍ୟବହାର କରିବା ଭଲ । ଚନ୍ଦନରେ ଆଣ୍ଟିସ୍ପାସମୋଡିକ ତତ୍ତ୍ୱ ରହିଥିବାରୁ ଏହା ସ୍ନାୟୁ ମାଂସପେଶୀ ଆଦିକୁ ଆରାମ ଦେଇଥାଏ । ଦାନ୍ତର ମାଢ଼ିକୁ ଏହା ଶକ୍ତ ରଖେ, ଦନ୍ତକ୍ଷୟକୁ ରୋକିଥାଏ । କାଶ ରୋଗକୁ ଭଲ କରେ ।

ପିଲାମାନଙ୍କ ପାଇଁ ଚନ୍ଦନ ସ୍ୱାସ୍ଥ୍ୟବର୍ଦ୍ଧକ ଟନିକର କାମ କରିଥାଏ । ଦୁର୍ଗନ୍ଧ ନିବାରକ ଭାବେ ବ୍ୟବହାର କରାଯାଉଥିବା ଚନ୍ଦନକୁ ଅନ୍ୟ ସୁଗନ୍ଧିତ ଦ୍ରବ୍ୟ ପ୍ରସ୍ତୁତିରେ ମଧ ବ୍ୟବହାର କରାଯାଏ ।

ଆରୋମା ଥେରାପି ବା ସୁଗନ୍ଧି ଚିକିତ୍ସାରେ ଚନ୍ଦନ ତୈଳକୁ ବ୍ୟବହାର କରାଯାଇଥାଏ । ଶାରୀରିକ ଓ ମାନସିକ କ୍ଲାନ୍ତିକୁ ଏହା ଦୂରକରେ । ଏହି ତୈଳରୁ ମିଳୁଥିବା ବିଭିନ୍ନ ପ୍ରାକୃତିକ ତତ୍ତ୍ୱ ମସ୍ତିଷ୍କରେ ସିରୋଟୋନିକ୍ ପ୍ରସ୍ତୁତ କରିଥାଏ । ଏହାଦ୍ୱାରା ଦୁଶ୍ଚିନ୍ତା ଦୂର ହେବା ସହ ସକାରାତ୍ମକ ଭାବନା ସୃଷ୍ଟି ହୁଏ ।

ଦାନ୍ତ ବିନ୍ଧା ହେଉଥିଲେ ଲବଙ୍ଗତେଲ ପରି ଚନ୍ଦନ ତେଲ ମଧ ଯନ୍ତ୍ରଣା ନିବାରକ ଭାବେ କାର୍ଯ୍ୟ କରିଥାଏ । କେବଳ ସେତିକି ନୁହେଁ ଏହା ଦାନ୍ତର ମାଢ଼ିକୁ ମଧ ଶକ୍ତ କରିଥାଏ । ସେଥିପାଇଁ ବିଭିନ୍ନ ପ୍ରକାର ଦନ୍ତମଞ୍ଜନରେ ଚନ୍ଦନର ବ୍ୟବହାର ହୋଇଥାଏ ।

ଚନ୍ଦନ ଘୋରି ଶରୀରରେ ଲଗାଇବା ଦ୍ୱାରା ଏହା ଦେହରୁ ଝାଳ ବୋହିବା କମ୍ କରିଦିଏ । ଏହାଦ୍ୱାରା ଶରୀରରୁ ଦୁର୍ଗନ୍ଧ ଦୂର ହୁଏ ।

ଦୁଇଚାମଚ ବାଦାମ ତେଲ, ପାଞ୍ଚ ଚାମଚ ନଡିଆ ତେଲ ଏବଂ ଚାରି ଚାମଚ ଚନ୍ଦନ ପାଉଡର ଏସବୁକୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟ ତ୍ୱଚାରେ ଲଗାନ୍ତୁ । ଏହା ତ୍ୱଚାରୁ କଳାପଣ ଦୂର କରିବା ସହ ଏକ ଚମକ ଆଣିଥାଏ ।

ତେବେ ଚନ୍ଦନର ଉପଯୁକ୍ତ ବ୍ୟବହାର ବିନା ଏହା ଲାଭ ଦେବା ବଦଳରେ କେତେକ ସମସ୍ୟା ସୃଷ୍ଟି କରିଥାଏ । ଉପଯୁକ୍ତ ବୈଦ୍ୟଙ୍କ ପରାମର୍ଶ ନେଇ ଏହାର କେତେକ ପ୍ରୟୋଗ କରାଯିବା ଦରକାର ।

## ଗୋଲମରିଚର ଔଷଧୀୟ ଗୁଣ

**ଆ**ୟୁର୍ବେଦ ବିଶେଷଜ୍ଞଙ୍କ ମତରେ ନିୟମିତ ଭାବେ ଗୋଲମରିଚ ନିଜ ବ୍ୟଞ୍ଜନରେ ସାମିଲ କରିବା ସହ ପାନୀୟରେ ମଧ ଏହା ମିଶ୍ରଣ କରିବା ଲାଭଜନକ । ଏହା ଶରୀରରେ ବିଭିନ୍ନ ଉତ୍ତମ ପ୍ରଭାବ ପକାଇଥାଏ ।

ଦୈନିକ ସକାଳବେଳା ୧ ଗିଲାସ ନଖଉଷୁମ ପାଣିରେ ଗୋଲମରିଚ ଗୁଣ୍ଡ ଅଧ ଚାମଚ ମିଶାଇ ପିଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହା ସହ ଗୋଲମରିଚ ମିଶା ଚା’ ପିଇଲେ ପେଟସଫା ହେବା ସହ ସର୍ଦ୍ଦିରୁ ରକ୍ଷା ମିଳେ ।

## ଆପଣ ଜାଣନ୍ତି କି ?

- ‘ଏଲିଫ୍ୟାଣ୍ଟ ସ୍ରିଉ’ ମୂଷା ଭଳି ଦେଖାଯାଉଥିବା ଏକ ପ୍ରକାରର ଜୀବ ।
- ଏମାନେ ମୁଖ୍ୟତଃ ଆଫ୍ରିକାରେ ଦେଖାଯାଆନ୍ତି ।
- ଏହି ଜୀବଟି ‘ସେଙ୍ଗିସ୍’ ନାମରେ ମଧ ଜଣାଯାଏ ।
- ଏଲିଫ୍ୟାଣ୍ଟ ସ୍ରିଉର ମୁଣ୍ଡଟି ଗୋଳିଆ ହୋଇ ନାକଟି ଷୁଣ୍ଢ ଭଳି ବଙ୍କା ରହିଥିବାରୁ ଏପରି ନାମକରଣ କରାଯାଇଛି ।
- ଏହି ଜୀବଟିର ଶରୀରର ଆକାର ଯେତିକି ତା’ର ଲାଙ୍ଗୁଡର ଆକାର ତା’ଠାରୁ ଅଧିକ । ତା’ ଶରୀରର ଆକାର ଅତିବେଶିରେ ୧୦-୧୨ ସେମି ହୋଇଥିବା ବେଳେ ଲାଙ୍ଗୁଡଟି ୧୩-୧୪ ସେମି ପର୍ଯ୍ୟନ୍ତ ବଢ଼ିପାରେ ।
- ଏହାର ଆଗ ଗୋଡ ତୁଳନାରେ ପଛ ଗୋଡ ଅପେକ୍ଷାକୃତ ବଡ଼ ଥାଏ । ଯାହା ଫଳରେ ସେ ସହଜରେ ଦୌଡିପାରେ ଓ ଡିଆଁ ମଧ ମାରିପାରେ ।
- ଏକ ବର୍ଷ ମଧରେ ଏହି ଜୀବଟି ୪-୫ ଥର ଛୁଆ ଜନ୍ମ କରିଥାଏ । ଏମାନେ ୫୬ ଦିନ ପାଇଁ ଗର୍ଭଧାରଣ କରନ୍ତି ଓ ୧-୨ଟି ଛୁଆ ଜନ୍ମ କରିଥାନ୍ତି ।
- ଜନ୍ମିତ ଛୁଆଙ୍କୁ ୨ ସପ୍ତାହ ପର୍ଯ୍ୟନ୍ତ ସେ ଲୁଚାଇ ରଖିଥାଏ । ଛୁଆଟି ଜନ୍ମହେବା ସମୟରେ ତା’ର ଆଖି ଖୋଲାଥାଏ ।
- ଏପରି ଛୁଆଟି ମଧ ଜନ୍ମହେବାର ୪୩ ଦିନ ପରେ ଗର୍ଭଧାରଣ କରିପାରେ ।
- ଶତ୍ରୁମାନଙ୍କ କବଳରୁ ନିଜକୁ ରକ୍ଷା କରିବା ପାଇଁ ପଥର ସନ୍ଧିରେ ବା ବୁଦା ମଧରେ ଲୁଚିଯାଆନ୍ତି । ଏମାନେ ମଧ ଅତି ସହଜରେ ଓ ଖୁବ୍ ଶୀଘ୍ର ଗାତ ଖୋଳି ସେଥିରେ ଲୁଚି ଯାଆନ୍ତି ।

## ସ୍ୱାସ୍ଥ୍ୟ ଲାଗି ମହୌଷଧି ଲବଙ୍ଗ

**ଇ**ମ୍ୟୁନିଟି ମଜଭୁତ କରେ: ଲବଙ୍ଗରେ ଥିବା ଭିଟାମିନ୍ ସି’, ଆଣ୍ଟିଅକ୍ସିଡାଣ୍ଟ ଓ ଅନ୍ୟ ରୋଗ-ପ୍ରତିରୋଧକ ତତ୍ତ୍ୱ ଶରୀରର ଇମ୍ୟୁନିଟି ଯଥା ପ୍ରତିରକ୍ଷା ପ୍ରଣାଳୀକୁ ମଜଭୁତ କରିଥାଏ । ଏହି ତତ୍ତ୍ୱ ଶରୀରରେ ବ୍ୟାକ୍ଟେରିଆ, ଭାଇରସ ଓ ଫଙ୍ଗାଲ ଇନ୍‌ଫେକ୍ସନରୁ ରକ୍ଷା କରିଥାଏ । ଇମ୍ୟୁନିଟି ମଜଭୁତ ରହିଲେ ସର୍ଦ୍ଦି, କାଶ, ଥଣ୍ଡା ଓ ଋତୁପରିବର୍ତ୍ତନ ଜନିତ ରୋଗରୁ ଖୁବଶୀଘ୍ର ମୁକ୍ତି ମିଳିଥାଏ । ତେଣୁ ନିୟମିତ ଭାବରେ ଲବଙ୍ଗ ଖାଇଲେ ବହୁ ଲାଭ ମିଳିଥାଏ ।



ପାଚନ ଶକ୍ତି ବୃଦ୍ଧି କରେ: ଲବଙ୍ଗ ପାଚନ ଏଞ୍ଜାଇମକୁ ଉତ୍ପନ୍ନ କରିବାରେ ସହଯୋଗ କରିଥାଏ । ଯଦ୍ୱାରା ଖାଦ୍ୟ ସହଜରେ ହଜମ ହୁଏ । ଏହା ବଦହଜମି, ପେଟ ଯନ୍ତ୍ରଣା ଓ ଗ୍ୟାସ ସମସ୍ୟାକୁ ଦୂର କରିଥାଏ । ଓଜନ ହ୍ରାସ କରେ । ଲବଙ୍ଗ ଶରୀରର ହଜମ କ୍ରିୟା ତୀବ୍ର କରିଥାଏ । ଯଦ୍ୱାରା କ୍ୟାଲୋରୀ ଶୀଘ୍ର ବର୍ଣ୍ଣ କରିଥାଏ । ଏହା ପାଚନ କ୍ରିୟାକୁ ଠିକଠାକ୍ ରଖିଥାଏ । ଏହାକୁ ନିୟମିତ ଭାବେ ଖାଦ୍ୟରେ ସାମିଲ କରିବା ଦ୍ୱାରା ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ ।

ଲିଭର ଡିଟକ୍ସ କରିଥାଏ: ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ, ଲିଭରରେ ଜମାଟ ବାନ୍ଧିଥିବା କ୍ଷତିକାରକ ବିଷାକ୍ତ ପଦାର୍ଥକୁ ସଫା କରିବା ସହିତ ଲିଭରକୁ କାର୍ଯ୍ୟକ୍ଷମକୁ ବୃଦ୍ଧି କରିଥାଏ ।

ଦାନ୍ତ ଓ ମୁହଁ ଲାଗି ମଧ ଲାଭଦାୟକ : ଲବଙ୍ଗରେ ଥିବା ରୋଗ ପ୍ରତିରୋଧକ ଗୁଣ ଦାନ୍ତ ଯନ୍ତ୍ରଣା, ପାଟି ଦୁର୍ଗନ୍ଧ ଗଳା ଯନ୍ତ୍ରଣାକୁ ଦୂର କରେ ।

ବାନ୍ତି ବନ୍ଦ କରେ: ବହୁ ଲୋକଙ୍କ ଟ୍ରାଭେଲ ସମୟରେ ବାନ୍ତି ହୋଇଥାଏ । ତେଣୁ ଏଥିରୁ ମୁକ୍ତି ପାଇବା ପାଇଁ ଲବଙ୍ଗଟିଏ ପାଟିରେ ପକାଇବା ବହୁତ ଭଲ । ବାନ୍ତି ମଧ ଚେକ୍ ହୋଇଯାଇଥାଏ ।

ବ୍ଲଡ ସୁଗର ନିୟନ୍ତ୍ରଣ କରେ: ଲବଙ୍ଗରେ ଏଭଳି ପ୍ରାକୃତିକ ଯୌଗିକ ପଦାର୍ଥ ରହିଛି ଯାହାକି ଇନସୁଲିନର କାର୍ଯ୍ୟକ୍ଷମତାକୁ ଉତ୍ତମ କରିଥାଏ । ଇନସୁଲିନ୍ ଏଭଳି ହର୍ମୋନ ଯାହା ବ୍ଲଡ ସୁଗରକୁ ନିୟନ୍ତ୍ରିତ ରଖିଥାଏ ।

## ମେଥିର ଔଷଧୀୟ ଗୁଣ

**ପ୍ର**ତିଦିନ ସକାଳୁ ଖାଲି ପେଟରେ ୧ ଗ୍ଲାସ୍ ଥଣ୍ଡା ପାଣି ସହିତ ୪ ଗ୍ରାମ୍ ମେଥି ଖାଇଲେ ପେଟ ରୋଗ ଭଲ ହୋଇଥାଏ ।

ଗରମ କ୍ଷୀର ବା ଗରମ ପାଣିରେ ମେଥି ଗୁଣ୍ଡକୁ ଗୋଳାଇ ପିଇଲେ ଏହା ଶରୀରରୁ ଯାବତୀୟ କ୍ଳାନ୍ତି ତଥା ଥକ୍କାପଣ ଦୂର କରେ ।



ମେଥି ରକ୍ତ ସଞ୍ଚାଳନକୁ ତ୍ୱରାନ୍ୱିତ କରିଥାଏ ତଥା ଶରୀରକୁ ତତ୍‌କ୍ଷଣାତ୍ ଶକ୍ତି ପ୍ରଦାନ କରିଥାଏ ।

ମେଥିକୁ କଦଳୀ ସହିତ ବାଟି ଲଗାଇଲେ ସମସ୍ତ ପ୍ରକାର ଚର୍ମରୋଗରୁ ଉପକାର ମିଳେ ଏହା ଫଙ୍ଗାଲ ଇନଫେକସନ ପାଇଁ ଉପକାରୀ । ଏହା ଚର୍ମକୁ ଉଜ୍ଜଳ ତଥା କୋମଳ କରିଥାଏ ।

କ୍ଷତ ସ୍ଥାନରେ ମେଥି ବଟା ଲଗାଇଲେ ଦରଜ ତଥା ଫୁଲା ଘା’ ଶୀଘ୍ର କମିଯାଏ ।

ଭଜା ମେଥି ଗୁଣ୍ଡକୁ ମିଶ୍ରି ସହିତ ମିଶାଇ ସେବନ କଲେ ଏହା ମହିଳାମାନଙ୍କର ଋତୁଚକ୍ରଜନିତ ସମସ୍ୟାରୁ ମୁକ୍ତି ଦେଇଥାଏ ।

## କହିପାରିବେ କି ?

୧) ଭାରତର ଜାତୀୟ ପଶୁର ନାମ କ’ଣ ?

(୨) ବାୟୁର ଆର୍ଦ୍ରତା ମାପିବା ପାଇଁ ବ୍ୟବହାର କରାଯାଉଥିବା ଉପକରଣର ନାମ କ’ଣ ?

(୩) ଡେକାନ ଏଜୁକେସନାଲ ସୋସାଇଟି ନାମକ ସଂସ୍ଥାର ସ୍ଥାପନା କିଏ କରିଥିଲେ ?

(୪) ବିହୁ କେଉଁ ରାଜ୍ୟର ଲୋକପ୍ରିୟ ଉତ୍ସବ ?

(୫) ମହାତ୍ମା ଗାନ୍ଧୀଙ୍କୁ ହାଫ୍ ନେକେଡ୍ ଫକିର କିଏ କହିଥିଲେ ?

(୬) ବିଶ୍ୱର ସବୁଠାରୁ ଉଚ୍ଚ ଜଳପ୍ରପାତ କେଉଁ ଦେଶରେ ରହିଛି ?

(୭) ଯୋଜନା ଆୟୋଗ କେବେ ଗଠନ କରାଯାଇଥିଲା ?

(୮) ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା କେଉଁ ମହାପୁରୁଷଙ୍କ ନାମରେ ହୋଇଛି ?

(୯) ‘ଡ୍ରିମ୍ସ ଫ୍ରମ୍ ପାଇଁ ଫାଦର’ର ପୁସ୍ତକର ଲେଖକ କିଏ ?

(୧୦) ସୀତାଙ୍କ ସ୍ୱୟମ୍ବରରେ ରାମଚନ୍ଦ୍ର ଭାଙ୍ଗି ଥିବା ଧନୁର ନାମ କ’ଣ ?

### JUMBLE WORDS

| | | | |
|---|---|---|---|
| 1) RETWH | = | 6) EKRCE | = |
| 2) ALGEE | = | 7) CNOREF | = |
| 3) LAHNIE | = | 8) NREUUS | = |
| 4) VINDIE | = | 9) OBRNI | = |
| 5) SYUFS | = | 10) NKRAC | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, “ସ୍ୱୀକାର”, ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର **:-**

୧.ଅରୁଣ କୁମାର ମିଶ୍ରା, ୨. ନିୟୁକ୍ଲିୟର ରିଆକ୍ଟର, ୩. ଦଣ୍ଡକାରଣ୍ୟ, ୪. ତାରାଶଙ୍କର ବନ୍ଦୋପାଧ୍ୟାୟ, ୫.୧୬ ଅକ୍ଟୋବର, ୬. ଆଲଫ୍ରେଡ୍ ନୋବେଲ, ୭. ୭ ବର୍ଷ, ୮.ପ୍ରୟାଗ, ୯. ଇନ୍ଦିରା ଗାନ୍ଧୀ ୧୦. ଆଇସିଆଇସିଆଇ ।

***Jumble Words*** ର ଉତ୍ତର **:-**

(1) SOCKET (2) LUNACY (3) BIRCH (4) CHURN (5) NAPKIN (6) JAGUAR (7) METAL (8) ALIAS (9) THIRST (10) JUNIOR.

## ଲେଙ୍ଗୁମିଶ୍ର ଥିଲେ ସମାଜର ପ୍ରକୃତ ବନ୍ଧୁ

ବରଗଡ : ପ୍ରତିଶୋଧର ରାଜନୀତି ଆଜି ଭାରତୀୟ ରାଜନୀତିକୁ କଳୁଷିତ କରିବା ସମୟରେ ଲେଙ୍ଗୁ ମିଶ୍ରଙ୍କ ରାଜନୀତିର ପ୍ରାସଙ୍ଗିକତା ଆଜି ଅଧିକ ରହିଛି । ତାଙ୍କର ଜୀବନ ଥିଲା ନିହାତି ସାଧାରଣ ଅଥଚ କର୍ମ ଅସାଧାରଣ । ସେ ନିଜେ ଥିଲେ ଦୁଃସ୍ଥ ମାତ୍ର ନିପୀଡ଼ିତ ଅବହେଳିତଙ୍କ ପାଇଁ ସର୍ବଦା ସଂଗ୍ରାମରତ ବୋଲି ଲେଙ୍ଗୁ ମିଶ୍ରଙ୍କ ୩୧ ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମତପ୍ରକାଶ ପାଇଛି । ବରଗଡ଼ ମହିଳା ସମିତି ପକ୍ଷରୁ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଧାନସଭାରେ ବିରୋଧୀ ଦଳର ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବରେ ଯୋଗ ଦେଇ କହିଥିଲେ ଯେ, ଏ ଅଞ୍ଚଳର ମଣିଷ ପାଇଁ, ମାଟି ପାଇଁ କିଛି କରିଯିବାର ପ୍ରଚଣ୍ଡ ସଂକଳ୍ପ ସହିତ ପ୍ରତିଟି ଦୁଃଖୀ ମଣିଷର ଲେଙ୍ଗୁ ମିଶ୍ର ଥିଲେ



ଅନ୍ତରର ବନ୍ଧୁ । ଯିଏକି ରାଜନୈତିକ ଜୀବନକୁ ବାଦ୍ ଦେଇ ସାମାଜିକ କ୍ଷେତ୍ରରେ ସବୁବେଳେ ଏକ ଜନ ସଚେତନତା ସୃଷ୍ଟି କରୁଥିଲେ । ଜନସାଥୀ ଲେଙ୍ଗୁ ମିଶ୍ର ସ୍ମୃତି ସମିତିର ସଭାପତି ଡ଼କ୍ଟର ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମାଜସେବୀ ଗୀତା ମିଶ୍ର, ବିଶିଷ୍ଟ କୃଷକ ନେତା କିଶୋର ଦେବତା, ବାପୁଜୀ ଭିନ୍ନକ୍ଷମ ବିଦ୍ୟାଳୟର କିଶୋର ସାହୁ, ମହିଳା ସମିତିର ସଦସ୍ୟା ଅନିମା ଚକ୍ରବର୍ତ୍ତୀ ପ୍ରମୁଖ ସ୍ୱର୍ଗତ ଲେଙ୍ଗୁ ମିଶ୍ରଙ୍କ ସ୍ମୃତି ଚାରଣ କରିଥିଲେ । ପ୍ରାରମ୍ଭରେ ସମିତିର ସଭାନେତ୍ରୀ ଅଞ୍ଜନା ଦାସ ସ୍ୱାଗତ ଭାଷଣ, ସମ୍ପାଦିକା ସୁଧାଂଶୁବାଳା ଦାଶ ଅତିଥି ପରିଚୟ ପ୍ରଦାନ ଏବଂ ଶେଷରେ ପଦ୍ମିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବାହ୍ନ କାର୍ଯ୍ୟକ୍ରମରେ ଲେଙ୍ଗୁ ମିଶ୍ର ଛକ ଏବଂ ଷ୍ଟାଡ଼ିୟମ୍ ସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ବରଗଡ଼ ଓକିଲ ସଂଘର ସଭାପତି ଭାଷ୍କରଦେବ ସରାଫ, ବରିଷ୍ଠ ଓକିଲ ଶ୍ୟାମ ସୁନ୍ଦର ଅଗ୍ରୱାଲା, ନାଗରିକ ମଞ୍ଚର ସମ୍ପାଦକ ଭବାନୀ ସାହୁ, ବରଗଡ଼ ମହିଳା ସମିତିର ସଦସ୍ୟା ଗଣ ତଥା ବିଭିନ୍ନ ବର୍ଗର ନାଗରିକ, କ୍ରୀଡା ସଂସଦର ସଦସ୍ୟା ସମବେତ ହୋଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

## ଜିଏମ୍ୟୁ ଉପକୁଳସଚିବଙ୍କ ମାତୃ ବିୟୋଗ

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଉପକୁଳସଚିବ ଉମାଚରଣ ପତିଙ୍କ ମାତା ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ କେନ୍ଦୁଗୁଡ଼ିଆର ଜନାର୍ଦ୍ଦନ ପତିଙ୍କ ପତ୍ନୀ ରୁକ୍ମିଣୀ ପତି(୭୫)ଙ୍କର ପରଲୋକ ହୋଇଯାଇଛି । ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ । ସେ ଜଣେ ସ୍ନେହୀ, ମେଳାପି ଓ ଧର୍ମପରାୟଣ ମହିଳା ଥିଲେ । ତାଙ୍କ ଦେହାନ୍ତ ଖବର ପାଇ



କେନ୍ଦୁଗୁଡ଼ିଆ ସ୍ଥିତ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ । ଗାଁରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କର ୪ ପୁଅ ମଧ୍ୟରେ ଜିଏମ୍ ବିଶ୍ୱବିଦ୍ୟାଳୟର ଉପକୁଳସଚିବ ଡକ୍ଟର ଉମାଚରଣ ପତି, ନିମାଇଚରଣ ପତି, ବରଗଡ଼ ବିକାଶ ସିନିଅର୍ ସେକେଣ୍ଡାରି ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଶାସନ ବିକାଶ କନସେପ୍ଟ ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ପତି, ବୋହୂ ବନିତା, ନିତାଞ୍ଜଳି, ବିଜୟା, ମିତା ଏବଂ ୬ ନାତିନାତୁଣି ଅଛନ୍ତି ।

## ଓଡ଼ିଶା ପାଇପଜଳ କର୍ମଚାରୀ ସଂଘ ସମ୍ବଲପୁର ଜୋନର କାର୍ଯ୍ୟକାରିଣୀ ବୈଠକ

ବରଗଡ଼ : ଓଡ଼ିଶା ପାଇପଜଳ କର୍ମଚାରୀ ସଂଘ ସମ୍ବଲପୁର ଜୋନର କାର୍ଯ୍ୟକାରିଣୀ ବୈଠକ ଗାଇସିଲେଟ ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ରାଜ୍ୟ ଉପସଭାପତି ସୁଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ଉଭୟ ଜଳଯୋଗାଣ ବିଭାଗରେ କାର୍ଯ୍ୟରତ ୧୨,୪,୯୩ ପରବର୍ତ୍ତୀ ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ସି, ଏଲ,ଆର,ଡି, ଏଲ,ଆର କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ ସହ ଇପିଏଫ୍ ଏବଂ ଇଏସଆଇ କାଟିବା, ଆରଡବ୍ଲ୍ୟୁଏସଏସ୍‌ରେ କର୍ମଚାରୀମାନଙ୍କୁ ପଦୋନ୍ନତୀ ଦେବା, ବରଗଡ଼ ପିଏଚ୍ ଉପଖଣ୍ଡ ଅଧିନସ୍ଥ ପଦ୍ମପୁର ଅନୁଖଣ୍ଡରୁ କାର୍ଯ୍ୟରୁ ବାହାର କରିଥିବା ଛଅ ଜଣ ସିଏଲଆର କର୍ମଚାରୀମାନଙ୍କୁ ପୁନଃ ଅବସ୍ଥାପିତ କରିବା ପାଇଁ ଦାବି କରାଯାଇଛି । ଏ ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ମନ୍ତ୍ରୀ ମହୋଦୟ ରବି ନାରାୟଣ ନାୟକଙ୍କୁ ଦାବିପତ୍ର ଦିଆଯାଇଛି । ଆଗାମୀ ଦିନରେ ସୋହେଲା ଠାରେ ପାନୀୟ ଜଳ ଯୋଗାଣରେ କାର୍ଯ୍ୟରତ ସମସ୍ତ ଏମସିଏଲ୍, କର୍ମଚାରୀଙ୍କୁ ନେଇ ଏକ ବୈଠକରେ ସ୍ଥିର କରାଯାଇଛି ।

ଏହି ବୈଠକରେ ସଂଘର ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର କୁମାର ପାଣ୍ଡେ, ସଂଗଠନ ସମ୍ପାଦକ ମନୋଜ ଦାସ, ବରିଷ୍ଠ ସଭ୍ୟ ଶେଷଦେବ କାଣ୍ଡ, ପଦ୍ମପୁରର ଶାଖା ସମ୍ପାଦକ ଦୁର୍ଲଭ ମଟାରୀ, ଜଲେସ୍ ବାଗ, ପବିତ୍ର ପଟେଲ, ଏବଂ ଜିଲ୍ଲା ପରିଷଦ ସଭ୍ୟ ମକରଧ୍ୱଜ ବଘାର ପ୍ରମୁଖ ଯୋଗ ଦେଇଥିଲେ ।

## ଜିଏମ୍ୟୁରେ ପ୍ରଫୁଲ୍ଲ ପତି ସ୍ମାରକୀ ବକ୍ତୃତା





ସମ୍ବଲପୁର : ବିଶିଷ୍ଟ ଶିକ୍ଷାବିତ୍ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସ୍ୱର୍ଗତ ପ୍ରଫେସର ପ୍ରଫୁଲ୍ଲ କୁମାର ପତିଙ୍କ ସ୍ମୃତିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗରେ ଚତୁର୍ଥ ବାର୍ଷିକ 'ପ୍ରଫେସର ପ୍ରଫୁଲ୍ଲ ପତି ସ୍ମାରକୀ ବକ୍ତୃତା' ଅନୁଷ୍ଠିତ ହୋଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରମୋଦ ନାୟାର ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଓ ବୈଶ୍ୱିକ ଅନିଶ୍ଚିତତା ସମ୍ପର୍କିତ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ । ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ଡକ୍ଟର ପି. ମୁରଲିଧର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ । ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, କୁଳସଚିବ ସନତ କୁମାର ନାଏକ, ଉପକୁଳସଚିବ ଡକ୍ଟର ଉମାଚରଣ ପତି, ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ ଓ ବିଶ୍ୱବିଦ୍ୟାଳୟର ବହୁ ବିଭାଗର ଅଧ୍ୟାପକ, ଅଧ୍ୟାପିକାମାନେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର କାଳିଦାସ ମିଶ୍ର, ପ୍ରଫେସର ଅଶୋକ ମହାପାତ୍ର, ପ୍ରଫେସର ସବିତା ତ୍ରିପାଠୀ, ଡକ୍ଟର କାମଦେବ ସାହୁ, ଡକ୍ଟର ବିଷ୍ଣୁପ୍ରିୟା ହୋତା, କିଶୋର ବହିଦାର, ଡକ୍ଟର ଦାଶରଥି ପାତ୍ର, ଡକ୍ଟର ସୁରେନ୍ଦ୍ର ପଣ୍ଡା ଓ ଡକ୍ଟର ଗୌର ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ସ୍ୱାଧୀନତା ସଂଗ୍ରାମୀ ଗଣେଶ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ

ଝାରସୁଗୁଡା : ଯଜ୍ଞେଶ୍ୱର ଚେରିଟେବୁଲ ଟ୍ରଷ୍ଟ ଓ ସହିଦ ଗଣେଶ ଉପାଧ୍ୟାୟ ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ସହିଦ ଗଣେଶ ଉପାଧ୍ୟାୟଙ୍କର ୨୧୭ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଅରବିନ୍ଦ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ସୀତାରାମ ବିଡ଼ିଆ ମୁଖ୍ୟ ଅତିଥି, ବରିଷ୍ଠ ନାଗରିକ ସଂଘର ସଭାପତି ବାଳଗୋବିନ୍ଦ ମିଶ୍ର, ଝାରସୁଗୁଡା ମହିଳା ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଟହଲୁ ସାହୁ, ବରିଷ୍ଠ ସାମ୍ବାଦିକ ତପସ୍ୱି ଲାଲ ତିୱାରୀ ସମ୍ମାନିତ ଅତିଥି ଓ ଅଧ୍ୟାପିକା ମନ୍ଦାକିନୀ ଶତପଥୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ସହିଦ ଗଣେଶ ଉପାଧ୍ୟାୟଙ୍କ ଦାୟାଦ ମିନା ଉପାଧ୍ୟାୟ ମଞ୍ଚାସୀନ ଥିଲେ । ଟ୍ରଷ୍ଟର ନିର୍ଦ୍ଦେଶକ ଅନନ୍ତରାମ ସାହୁ ଅତିଥି ପରିଚୟ ତଥା ଅତିଥି ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସହିଦ ଗଣେଶ ଉପାଧ୍ୟାୟଙ୍କ ଉପରେ ଏକ ଆଲୋଚନା ଚକ୍ର ଓ ସାହିତ୍ୟ ଆସରକୁ ବିବେକାନନ୍ଦ ମିଶ୍ର ସଂଯୋଜନା କରିଥିଲେ । ୧୫ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା ।

## ସମ୍ବଲପୁର ରୋଟାରୀ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




ସମ୍ବଲପୁର : ସମ୍ବଲପୁର ରୋଟାରୀ କ୍ଲବ ପକ୍ଷରୁ ନିଳଡୁଙ୍ଗ୍ରୀ ଠାରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି । ଶିବିରରେ ଆଖପାଖର ୩୦୦ ରୋଗୀ ଚିକିତ୍ସିତ ହୋଇଥିଲେ । କ୍ଲବର ସଭାପତି ରଶ୍ମିରଞ୍ଜନ ମହାପାତ୍ର ଏବଂ ସଂପାଦକ ଦେବାଶୀଷ ରାୟଗୁରୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ଡାକ୍ତର ଅତନୁ ଠାକୁର, ଡାକ୍ତର ବ୍ୟାସଦେବ ହୋତା, ଡାକ୍ତର ପ୍ରଭାସ୍ ଦେବତା, ଡାକ୍ତର ସୁଦୀପ୍ତ ମିଶ୍ର ଏବଂ ଡାକ୍ତର ଦୁର୍ଗା ଶଙ୍କର ଶତପଥି ରୋଗୀମାନଙ୍କର ଚିକିତ୍ସା କରିଥିଲେ । କାର୍ଯ୍ୟକ୍ରମର ଚେୟାରମେନ୍ ସୁବ୍ରତ ନାୟକ ମଧ ଏଥିରେ ଉପସ୍ଥିତ ଥିଲେ ।

## ବିଶାଲଖିଣ୍ଡା ହାଇସ୍କୁଲରେ ଚାରାରୋପଣ

ସମ୍ବଲପୁର : ଧନକଉଡ଼ା ବ୍ଲକ ବିଶାଲଖିଣ୍ଡା ହାଇସ୍କୁଲ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଚିଣ୍ଡା ଡିଏଫ୍ଓ (କେ.ଏଲ) ଜେତରାଜ ନାଏକ ମୁଖ୍ୟଅତିଥି ଓ ପ୍ରକୃତି ବନ୍ଧୁ ବଂଶୀଧର କର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

## ସମ୍ବଲପୁରରେ ଡିସେମ୍ବରରେ ହେବ ଦିବ୍ୟଜୀବନ ସଂଘର ସମ୍ମିଳନୀ

ସମ୍ବଲପୁର : ଆସନ୍ତା ଡିସେମ୍ବର ମାସ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରରେ ଦିବ୍ୟ ଜୀବନ ସଂଘର ପଶ୍ଚିମ ଓଡ଼ିଶା ସମ୍ମିଳନୀ ହେବ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅଡିଟୋରିୟମ ଠାରେ ହେବାକୁ ଥିବା ଏହି ସମ୍ମିଳନୀରେ ଋଷିକେଶର ଦିବ୍ୟ ଜୀବନ ସଂଘର ମୁଖ୍ୟ କାର୍ଯ୍ୟାଳୟରୁ ସ୍ୱାମୀ ନିର୍ଲିପ୍ତା ନନ୍ଦ ସରସ୍ୱତୀଙ୍କ ସମେତ ବହୁ ସାଧୁସନ୍ଥ ଏଥିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ଏଥିରେ ମନ୍ତ୍ରଦୀକ୍ଷା ଦିଆଯିବାର କାର୍ଯ୍ୟକ୍ରମ ଅଛି । ଏହି କାର୍ଯ୍ୟକ୍ରମର ଆବାହକ ସମ୍ବଲପୁର ବିଜେଡି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ମୀନକେତନ ପାଠୀ ରହିଥିବା ବେଳେ ଆଡଭୋକେଟ୍ ବିଜୟ କୁମାର ପୁରୋହିତ ସଂପାଦକ ଏବଂ ରଘୁନାଥ ବାବୁ କୋର୍ କମିଟିର ସଭ୍ୟ ରହିଛନ୍ତି । କାର୍ଯ୍ୟକ୍ରମ ଯେପରି ସୁଫଳ ହେବ ସେଥିପାଇଁ ଇଥି ମଧ୍ୟରେ ଏକ ପ୍ରସ୍ତୁତି ବୈଠକ ହୋଇ ଯାଇଛି ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଭାରତର ଆର୍ଥିକ ଅଭିବୃଦ୍ଧି ୬.୩ ପ୍ରତିଶତରୁ ୬.୮ ପ୍ରତିଶତ ବୃଦ୍ଧି ହୋଇଛି: ଧର୍ମେନ୍ଦ୍ର ପ୍ରଧାନ






ସମ୍ବଲପୁର: ଜିଏସଟି ସଂସ୍କାର ୨.୦ ମୋଦୀ ସରକାରଙ୍କ ଐତିହାସିକ ନିଷ୍ପତି। ୫୬ତମ ଜିଏସଟି ପରିଷଦ ବୈଠକରେ ହୋଇଥିବା ନିଷ୍ପତି ଦ୍ୱାରା ସାଧାରଣ ନାଗରିକମାନେ ବିଶେଷ ଭାବରେ ଲାଭବାନ ହେବା ସହ ଗାଁରୁ ଦେଶ ପର୍ଯ୍ୟନ୍ତ ଅର୍ଥନୀତିକୁ ବଳ ମିଳିବ ବୋଲି 'ସମ୍ବଲପୁର ଚାମ୍ବର୍ସ ଅଫ୍ କମର୍ସ' ପକ୍ଷରୁ ଆୟୋଜିତ ଜିଏସଟି ସଂସ୍କାର ସମ୍ପର୍କିତ 'କନଭେସନ ୨.୦ ଫର୍ମ – ୨୦୨୫' କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଭାରତ ଜର୍ମାନୀକୁ ପଛରେ ପକାଇ ୪.୨ ଟ୍ରିଲିୟନ ଆମେରିକୀୟ ଡଲାର ସହ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତିର ଦେଶ ହୋଇଛି। ଆଗାମୀ ଦୁଇରୁ ୩ ବର୍ଷ ମଧ୍ୟରେ ଆମର ଅର୍ଥନୀତି ୭ ଟ୍ରିଲିୟନ ଆମେରିକୀୟ ଡଲାର ହେବ ଏବଂ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବ। ଭାରତର ଆର୍ଥିକ ଅଭିବୃଦ୍ଧି ୬.୩ ପ୍ରତିଶତରୁ ୬.୮ ପ୍ରତିଶତ ହୋଇଛି। ସେହିପରି ୨୦୧୯ରେ ଦେଶରେ ପ୍ରାୟ ୪.୯ କୋଟି ନିବେଶକ ଥିଲେ। ଏହି ସଂଖ୍ୟା ୫ ବର୍ଷରେ ୩ ଗୁଣା ବଢି ୧୩.୨ କୋଟି ହୋଇଛି। ଏହା ହିଁ ଜିଏସଟି କ୍ରିୟାନ୍ୱୟନର ବଡ ଉପଲବ୍ଧି ବୋଲି ଶ୍ରୀ ପ୍ରଧାନ କହିଥିଲେ।

ସେ ପୁଣି କହିଥିଲେ ଯେ, ଜିଏସଟି ୨.୦ରେ ଦୈନନ୍ଦିନ ବ୍ୟବହାର କରୁଥିବା ପେଷ୍ଟ, ସାବୁନ ଭଳି ସାମଗ୍ରୀ ଶସ୍ତା ହେବ। ସ୍କୁଲ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି ଦେଶର ଗରିବ ଓ ସମାଜର ମଧ୍ୟମ ବର୍ଗର ନାଗରିକ, କୃଷକ, ଏମଏସଏମଇ, ମଧ୍ୟବିତ୍ତ, ମହିଳା ଏବଂ ଯୁବକମାନେ ଲାଭବାନ ହେବେ। କେନ୍ଦୁ ପତ୍ର ଉପରେ ଜିଏସଟି ସ୍ଲାବ ୧୮% ରୁ ୫% କୁ ହ୍ରାସ କରାଯାଇଛି। ଏହି ନିଷ୍ପତି ଦ୍ୱାରା କେନ୍ଦୁ ପତ୍ର ଶିଳ୍ପ



ସହିତ ଜଡିତ ୧୫ ଲକ୍ଷରୁ ଅଧିକ ଲୋକମାନେ ଉପକୃତ ହେବେ। ସୂତା ଉପରେ ଜିଏସଟି ୧୨% ରୁ ହ୍ରାସ ପାଇ ୫% ହୋଇଛି ଏବଂ ଏହାଦ୍ୱାରା ଓଡ଼ିଶା ବିଶେଷ ଭାବରେ ରାଜ୍ୟର ପଶ୍ଚିମାଞ୍ଚଳର ବୁଣାକାର ମାନେ ଲାଭବାନ ହେବେ। କୋଇଲା ଉପରେ ଜିଏସଟି ୧୮%କୁ ବୃଦ୍ଧି କରାଯାଇଛି। ଏହା ଦ୍ୱାରା ଓଡ଼ିଶା ବିଶେଷ ଲାଭବାନ ହେବ।

ଶ୍ରୀ ପ୍ରଧାନ ଆହୁରି କହିଥିଲେ ଯେ ଓଡ଼ିଶାରେ ରେକର୍ଡ ସଂଖ୍ୟକ ଚାଉଳ ଉତ୍ପାଦନ ହେଉଛି। ଏଥିପାଇଁ ଏକ ବଜାର ତିଆରି କରିବାକୁ ହେବ। ବିଦେଶକୁ ଚାଉଳ କିପରି ରପ୍ତାନୀ କରିହେବ, ତାହାର ବ୍ୟବସ୍ଥା କରାଯିବ। ସେହିପରି ସମ୍ବଲପୁରକୁ ନ୍ୟୁଏଜ୍ ଇକୋନୋମୀକୁ କରିବା ଦିଗରେ ଶ୍ରୀ ପ୍ରଧାନ ମତ ପ୍ରକାଶ କରିବା ସହ ସ୍ଥାନୀୟ ଉତ୍ପାଦ ବିଶେଷ ଭାବରେ ସମ୍ବଲପୁରୀ ଶାଢୀ, ବସ୍ତ୍ର, କୃଷି ଉତ୍ପାଦିତ ସାମଗ୍ରୀକୁ ସମ୍ବଲପୁରୀ ବ୍ରାଣ୍ଡରେ ପ୍ରୋତ୍ସାହନ ଦେବା ଦିଗରେ ଆଲୋକପାତ କରିଥିଲେ।

ସମ୍ବଲପୁର ଚେମ୍ବରର୍ସ୍ ଅଫ୍ କମର୍ସର ଅଧ୍ୟକ୍ଷ ଅଶୋକ ଜଲାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାୟକ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚୀନ ରାମଚନ୍ଦ୍ର ଯାଦବ, ଉତ୍ତରାଞ୍ଚଳ ପୁଲିସ୍ ଆଇ.ଜି ହିମାଂଶୁ ଲାଲ, ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ଏମ୍.ସି.ଏଲ୍‌ର ସି.ଏମ୍.ଡି ଉଦୟ ଅନନ୍ତ କାଓଲେ, ରାଜ୍ୟ ଜିଏସଟିର ଅତିରିକ୍ତ ଆୟୁକ୍ତ ସିଦ୍ଧାର୍ଥ ଦାସ, କେନ୍ଦ୍ର ଜି.ଏସ୍.ଟିର ସହ ଆୟୁକ୍ତ ବସନ୍ତ କୁମାର କର, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରମୁଖ ଯୋଗ ଦେଇଥିଲେ। ଚେମ୍ବର୍ସ ଅଫ୍ କମର୍ସର ଚେୟାରମେନ୍ ଜସବୀର ସିଂ ହୁରା ଏବଂ ସମ୍ପାଦକ ଘନଶ୍ୟାମ ଅଗ୍ରୱାଲ ମଧ୍ୟ ଏଥିରେ ଭାଷଣ ଦେଇଥିଲେ।

## 'ଉତ୍ସର୍ଗ'ର ୪୧ ତମ ବାର୍ଷିକ ଉତ୍ସବ ପାଳିତ

ସମ୍ବଲପୁର : ସାମାଜିକ ଅନୁଷ୍ଠାନ 'ଉତ୍ସର୍ଗ'ର ୪୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠାନର ସଂଯୋଜକ ପ୍ରଶାନ୍ତ ପାଟ୍ଟଯାଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ ଅନୁଷ୍ଠାନର ପ୍ରତିଷ୍ଠିତ ସଭ୍ୟ ସ୍ୱର୍ଗତଃ ସରୋଜ ଦାସଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା। ଏଥିରେ ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମ୍ମାନିତ ଅତିଥି ଓ ଡିଏମ୍ଇଟି ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ଉମାକାନ୍ତ ଶତପଥି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ବରିଷ୍ଠ ସଭ୍ୟ ଶିବ ନାରାୟଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସମ୍ପୂର୍ଣ୍ଣ ଶରୀର ଦାନ କରିଥିବା ବ୍ୟକ୍ତି ସ୍ୱର୍ଗତଃ ଈଶ୍ୱର ମରାଇଙ୍କ ପରିବାର ଓ ସମାଜସେବୀ ଅଜୟ ଅଗ୍ରୱାଲ୍‌ଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।




## ଅବକାରୀ କାର୍ଯ୍ୟାଳୟ ଉଦ୍‌ଘାଟନ କଲେ ବିଧାୟକ

ଝାରସୁଗୁଡ଼ା: ଜିଲ୍ଲା କୋର୍ଟ ନିକଟରେ ନୂତନ ଅବକାରୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ବିଧାୟକ ଟଙ୍କଧର ତ୍ରିପାଠୀ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଆଞ୍ଚଳିକ ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଭାତ କୁମାର ସେଠୀଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବକାରୀ ଉପ ଆରକ୍ଷୀ ଅଧିକ୍ଷିକା ଶେର୍ଲି ଏକ୍କା, ଅବକାରୀ ଇନ୍ସପେକ୍ଟର କ୍ଷିତିଶ ଦାସ, ବନ୍ଦନା ପଟ୍ଟନାୟକଙ୍କ ସମେତ ବିଭାଗୀୟ ଅଧିକାରୀ ମାନେ ସହଯୋଗ କରିଥିଲେ। ଏହି ଅବସରରେ ଅତିଥିମାନେ କାର୍ଯ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ। ପୂର୍ବରୁ ଏହି ଅଫିସ୍ ସହରର ରେଞ୍ଜ ଅଫିସ୍‌ରେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିଲା।



# ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ୧୬ତମ ସମାବର୍ତ୍ତନ ଉତ୍ସବ





ବୁର୍ଲା: ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ୧୬ତମ ସମାବର୍ତ୍ତନ ଉତ୍ସବ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଥିଲେ ଯେ, ଓଡ଼ିଶାର ଉନ୍ନତି କରିବାକୁ ହେଲେ ଆଗ ଉନ୍ନତ ଶିକ୍ଷାର ଆବଶ୍ୟକତା ରହିଛି। ଭିଏସଏସୟୁଟିର ଛାତ୍ରମାନେ ଚାକିରୀ ପଛରେ ନ ଗୋଡାଇ ସେମାନେ ଚାକିରୀ ସୃଷ୍ଟିକର୍ତ୍ତା ହେବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଥିଲେ। ଏହି ଉତ୍ସବରେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ରାଷ୍ଟ୍ର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଜ୍ୟ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଏବଂ ବିଧାୟକ ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ।

ଉତ୍ସବରେ ଅଧ୍ୟକ୍ଷତା କରି ରାଜ୍ୟପାଳ କହିଥିଲେ ଯେ, ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ, ୧୯ ଶତାବ୍ଦୀର ମଧ୍ୟଭାଗରେ ଔପନିବେଶିକ ଅତ୍ୟାଚାର ବିରୁଦ୍ଧରେ ତାଙ୍କର ସାହସ, ତ୍ୟାଗ ଏବଂ ଅଦମ୍ୟ ସଂଘର୍ଷ ସ୍ଥିରତା ଏବଂ ଲୋକଙ୍କ ପ୍ରତି ସେବାର ଭାବନାକୁ ପ୍ରତିଫଳିତ କରେ।

ସେ କହିଥିଲେ ଯେ, ସମାବର୍ତ୍ତନ ଯେକୌଣସି ପ୍ରତିଷ୍ଠାନ ପାଇଁ ଗଭୀର ମହତ୍ତ୍ୱର ଏକ ଅବସର, କାରଣ ଏହା ଏହାର ବିଶିଷ୍ଟ ଯାତ୍ରାକୁ ପ୍ରତିଫଳିତ କରେ ଏବଂ ଉତ୍କର୍ଷତା ଏବଂ ସେବା ପ୍ରତି ଏହାର ସ୍ଥାୟୀ ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରେ। ବୀର ସୁରେନ୍ଦ୍ର ସାଏ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ, ଯାହାର ଐତିହ୍ୟ ସାତ ଦଶନ୍ଧିରୁ ଅଧିକ ସମୟ ଧରି ରହିଛି, ବୈଷୟିକ ଶିକ୍ଷା ଏବଂ ପ୍ରଗତିର ଏକ ଆଲୋକବର୍ତ୍ତିକା ଭାବରେ ଠିଆ ହୋଇଛି। ଏହାର ପୂର୍ବତନ ଛାତ୍ରମାନେ ଦେଶ ଏବଂ ବିଶ୍ୱରେ ବିସ୍ତାରିତ ହୋଇ ସେମାନଙ୍କର ଶିକ୍ଷାନୁଷ୍ଠାନକୁ ଗୌରବ ଆଣିଛନ୍ତି ଏବଂ ସମାଜର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି।

ରାଜ୍ୟପାଳ କହିଥିଲେ ଯେ, ଆଜି ଆମେ ଇତିହାସର ଏକ ପରିବର୍ତ୍ତନଶୀଳ ମୁହୂର୍ତ୍ତରେ ଠିଆ ହୋଇଛୁ। ଗଭୀର ପ୍ରଯୁକ୍ତିବିଦ୍ୟା, କୃତ୍ରିମ




ବୁଦ୍ଧିମତ୍ତା, ନବସୃଜନଶୀଳ ଶକ୍ତି ଏବଂ ମହାକାଶ ଅନୁସନ୍ଧାନ ଦ୍ୱାରା ବିଶ୍ୱକୁ ପୁନଃଆକୃତି ଦିଆଯାଉଛି। ୨୦୪୭ ସୁଦ୍ଧା ଭାରତର ଏକ ବୀକ୍ଷିତ ଭାରତ ହେବାର ଆକାଂକ୍ଷା ଆମେ ପ୍ରତିଭାକୁ କେତେ ପ୍ରଭାବଶାଳୀ ଭାବରେ ପୋଷଣ କରୁଛୁ ଏବଂ ନବସୃଜନକୁ ପ୍ରୋତ୍ସାହିତ କରୁଛୁ ତାହା ଉପରେ ନିର୍ଭର କରିବ। ତେଣୁ ଭିଏସଏସୟୁଟି ଭଳି ପ୍ରତିଷ୍ଠାନଗୁଡ଼ିକୁ କେବଳ ଦକ୍ଷ ବୃତ୍ତିଗତ ଉତ୍ପାଦନ କରିବାରେ ନୁହେଁ ବରଂ ନିଯୁକ୍ତି ସୃଷ୍ଟିକାରୀ, ଉଦ୍ଭାବକ ଏବଂ ଉଦ୍ୟୋଗୀମାନଙ୍କୁ ଗଠନ କରିବାରେ ମଧ୍ୟ ନେତୃତ୍ୱ ନେବାକୁ ପଡିବ। ଏହା ମନେ ରଖିବା ଉତ୍ସାହଜନକ ଯେ ଭିଏସଏସୟୁଟି, ଜାତୀୟ ଶିକ୍ଷା ନୀତି (ନେପ୍) ୨୦୨୦ ସହିତ ସଙ୍ଗତ। ଏହାର ପାଠ୍ୟକ୍ରମକୁ ପୁନଃନିର୍ମାଣ କରିଛି। ଉନ୍ନତ କାର୍ଯ୍ୟକ୍ରମ ଆରମ୍ଭ କରିଛି, ପ୍ରକଳ୍ପ-ଆଧାରିତ ଶିକ୍ଷା ଗ୍ରହଣ କରିଛି ଏବଂ ଖୋଲା-ବାୟୁ ଶ୍ରେଣୀଗୃହ ଏବଂ ପ୍ରୟୋଗଶାଳା ମାନୁଆଲଗୁଡ଼ିକର ଓଡ଼ିଆରେ ଅନୁବାଦ ଭଳି ଅଭ୍ୟାସ ପ୍ରଚଳନ କରିଛି। ଏହି ସଂସ୍କାରଗୁଡ଼ିକ ଜ୍ଞାନକୁ ଗଣତାନ୍ତ୍ରିକ କରିବ, ପ୍ରବେଶକୁ ବିସ୍ତାର କରିବ ଏବଂ ଶିକ୍ଷାକୁ ଅଧିକ ଅନ୍ତର୍ଭୁକ୍ତ ଏବଂ ସାଂସ୍କୃତିକ ଭାବରେ ଭିତ୍ତିକ କରିବ।

ସେ ପୁଣି କହିଥିଲେ ଯେ, ଆମେ ଏକ ଯୁଗରେ ପ୍ରବେଶ କରୁଛୁ ଯେଉଁଠାରେ ଜ୍ଞାନ ହେଉଛି ପ୍ରଗତିର ପ୍ରକୃତ ମୁଦ୍ରା। କୃଷିକୁ ବୃଦ୍ଧି କରିବା, ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା, ଗ୍ରାମୀଣ ସମ୍ପ୍ରଦାୟକୁ ସମୃଦ୍ଧ କରିବା ଏବଂ ପରିବେଶଗତ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ପାଇଁ ପ୍ରଯୁକ୍ତିବିଦ୍ୟାକୁ ପ୍ରୟୋଗଶାଳାରୁ ଆଗକୁ ବଢ଼ିବାକୁ ପଡିବ। ଏହି ଅନୁଷ୍ଠାନର ଛାତ୍ରମାନେ ଡ୍ରୋନ, ରକେଟ୍ ଏବଂ ସାଟେଲାଇଟ୍ ଭଳି ପ୍ରକଳ୍ପରେ ଉତ୍କର୍ଷତା ହାସଲ କରିସାରିଛନ୍ତି, ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ'ରେ ସ୍ୱୀକୃତି ପାଇଛନ୍ତି। ଯାହା ଆପଣଙ୍କ ସମ୍ଭାବନାର ଏକ ପ୍ରକୃତ ପ୍ରମାଣ।

ଓଡ଼ିଶା ମଧ୍ୟ ଦ୍ରୁତ ଅଭିବୃଦ୍ଧିର ଦ୍ୱାରଦେଶରେ ଠିଆ ହୋଇଛି। ସମୃଦ୍ଧ ସମ୍ବଳ, ଶିଳ୍ପ ସମ୍ଭାବନା, ବନ୍ଦର ଏବଂ ସାମାଜିକ ସମନ୍ୱୟ ସହିତ, ଏହା ବିଶ୍ୱ ନିବେଶ ପାଇଁ ଏକ ଆକର୍ଷଣୀୟ ଗନ୍ତବ୍ୟସ୍ଥଳ। ତଥାପି ସମ୍ବଳ ସ୍ଥିରତା, ଜଳ ସୁରକ୍ଷା, ଜଙ୍ଗଲ ସଂରକ୍ଷଣ ଏବଂ ଅନ୍ତର୍ଭୁକ୍ତ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ରହିଛି। ଏହା ଭିଏସଏସୟୁଟି ପାଇଁ ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ସହିତ ସମନ୍ୱିତ ସ୍ଥାୟୀ, ପ୍ରଯୁକ୍ତିବିଦ୍ୟା ଆଧାରିତ ସମାଧାନ ପ୍ରଦାନ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ଉପସ୍ଥାପନ କରେ ବୋଲି ରାଜ୍ୟପାଳ ତାଙ୍କ ଭାଷଣରେ କହିଥିଲେ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra